ISSN -2583-147X(P), **Vol.- 8, Issue No.XII, March 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ସାରଳା ମହାଭାରତର ଆଦିପର୍ବରେ ବ୍ୟାକରଣ ଚର୍ଚ୍ଚା
# (ପ୍ରସଙ୍ଗ : କ୍ରିୟାପଦ)

**ସତ୍ୟବ୍ରତ ସେଠୀ**

ଓଡ଼ିଶା ପ୍ରଦେଶରେ ସାରଳା ଦାସ ଘରେ ଘରେ ପରିଚିତ । ସେ ହେଉଛନ୍ତି ଓଡ଼ିଆ ଭାଷା ସାହିତ୍ୟର ଆଦିକବି । ତାଙ୍କ ପୂର୍ବରୁ ଓଡ଼ିଆ ଭାଷାରେ କିଛି ମିଳୁଥିଲେ ମଧ୍ୟ କବି ସାରଳା ଦାସ ହିଁ ଓଡ଼ିଆ ଭାଷାର ମୂଳଦୁଆ ବିଧିବଦ୍ଧ ଭାବରେ ପକାଇଥିଲେ । ସେ 'ବିଲଙ୍କା ରାମାୟଣ', 'ମହାଭାରତ' ଓ 'ଚଣ୍ଡୀପୁରାଣ' ଗ୍ରନ୍ଥ ରଚନା କରିଛନ୍ତି । କିନ୍ତୁ ବିଶେଷ ଭାବରେ 'ମହାଭାରତ' ଗ୍ରନ୍ଥ ପାଇଁ ପ୍ରସିଦ୍ଧି ଲାଭ କରିଛନ୍ତି । ସେ କହିଛନ୍ତି ଯେ ମୁଁ ପ୍ରଥମେ ରାମାୟଣ (ବିଲଙ୍କା ରାମାୟଣ) ରଚନା କରି ତା'ପରେ ଭାରତ (ମହାଭାରତ) ରଚନା ଏବଂ ଶେଷରେ ଦେବୀ ଭାଗବତ (ଚଣ୍ଡୀପୁରାଣ) ରଚନା କରିଛନ୍ତି ବୋଲି ନିଜେ ଉଲ୍ଲେଖ କରିଛନ୍ତି ।

ଭାଷାକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କଲେ ତା'ର ଅନେକ ସ୍ତର ଉନ୍ମୋଚିତ ହୁଏ । ଭାଷାତତ୍ତ୍ୱବିତ୍‌ମାନଙ୍କ ଦ୍ୱାରା ଆବିଷ୍କୃତ ଭାଷାର ଏହି ଅନ୍ତର୍ନିହିତ ସ୍ତରଗୁଡ଼ିକ ଭାଷାର ଆଲୋଚନାକୁ ସହଜସାଧ୍ୟ ଓ ସରଳୀକରଣ କରିବାରେ ସାହାଯ୍ୟ କରିଥାଏ । ବର୍ତ୍ତମାନ ସମୟରେ ଭାଷା ବିଶ୍ଳେଷଣ ପାଇଁ ଅନେକ ଶୃଙ୍ଖଳିତ ବୈଜ୍ଞାନିକ ସିଦ୍ଧାନ୍ତମାନ ଗଢ଼ିଉଠିଛି । ଏହି ସିଦ୍ଧାନ୍ତଗୁଡ଼ିକ ପ୍ରୟୋଗ କରି ଯେକୌଣସି ଭାଷାନ୍ତର୍ଗତ ଶବ୍ଦକୁ ସୂକ୍ଷ୍ମସ୍ତରରେ ପରୀକ୍ଷଣ କରି ତା'ର ରୂପ ଓ ପ୍ରକୃତିକୁ ନିର୍ଭୁଲ ଭାବେ ପ୍ରତିପାଦିତ କରିହେବ । ଭାଷାର ବ୍ୟବହାରକୁ ବିଚାର କଲେ ଏହି ସ୍ତରଗୁଡ଼ିକ ପ୍ରାୟ ପ୍ରଚ୍ଛନ୍ନ ବୋଲି ଅନୁଭୂତ ହୁଏ । ତେଣୁ ପ୍ରକାର୍ଯ୍ୟ ସ୍ତରରେ ବିଚାର କରିଲେ ଭାଷାର ବୃହତ୍ତର ଏକକ ହେଉଛି ବାକ୍ୟ, ବାକ୍ୟ ହିଁ ମୂଳଭିତ୍ତି । ମାନବର ଚିନ୍ତା ଉପଲବ୍ଧି ଅଭିବ୍ୟକ୍ତି ସବୁ ଏହି ବାକ୍ୟ ଦ୍ୱାରା ସମ୍ଭବ ହୋଇଥାଏ । କଥନ ପ୍ରଣାଳୀରେ ବାକ୍ୟ ହେଉଛି ସାର୍ଥକ ଶବ୍ଦ ସମୂହର ସମାହାର । ଏହି ସିଦ୍ଧାନ୍ତରୁ ବ୍ୟାକରଣରେ ସର୍ବୋଚ୍ଚସ୍ଥାନ ଅଧିକାର କରିଛି । ବ୍ୟାକରଣର ସମସ୍ତ ଅନୁସିଦ୍ଧାନ୍ତ ସ୍ତର ତେଣୁ ବାକ୍ୟବିନ୍ୟାସ ସହ ସଂପୃକ୍ତ ହେବା ବିଧେୟ ।

ଏକ ବାକ୍ୟର ମୁଖ୍ୟ ଉପାଦାନ ହେଉଛି ସାର୍ଥକ ଶବ୍ଦ । ବାକ୍ୟରେ ବକ୍ତାର ଅଭିଳାଷ ବା ଉଦ୍ଦିଷ୍ଟ ଭାବପ୍ରକାଶ ପାଇବା ନିମନ୍ତେ କେତୋଟି ସାର୍ଥକ ଅର୍ଥଯୁକ୍ତ ଶବ୍ଦ ସମୂହ ମିଳିତ ଭାବରେ ବ୍ୟବହୃତ ହୋଇଥାଏ । ଶବ୍ଦଗୁଡ଼ିକ ପରସ୍ପର ଉପରେ ନିର୍ଭରଶୀଳ ସମ୍ବନ୍ଧ ରଖିବା ଦ୍ୱାରା ଭାବଗତ ସାର୍ଥକତା ଲାଭ କରିଥାଏ । ଶବ୍ଦର ଭାବଗତ ସାର୍ଥକତା ଏକ ସମ୍ବନ୍ଧ ଆଧାରଟି ହେଉଛି କ୍ରିୟା । ବାକ୍ୟରେ ଏହା ସୁଲଭ ଶୀର୍ଷକ ହେଉଛି କ୍ରିୟାପଦ । "କୃ-ଯ+ଆ = କ୍ରିୟା ଅର୍ଥାତ୍ କାମ ବା କାର୍ଯ୍ୟରେ ହେତୁମୂଳକ ଅର୍ଥସୂଚକ ପଦ । ଯେଉଁ ପଦଦ୍ୱାରା ବାକ୍ୟର ଅର୍ଥ କୌଣସି କାର୍ଯ୍ୟ ହେବା, ହେଉଥିବା ବା ହୋଇଥିବା ସୂଚିତ ହୁଏ ତାହାକୁ କ୍ରିୟା କୁହାଯାଏ । ଏହି ପଦ ସହିତ ବାକ୍ୟର କର୍ମସୂଚକ, କର୍ତ୍ତାମୂଳକ ପୁରୁଷ ଓ ବଚନଭିତ୍ତିକ ଅନ୍ୟାନ୍ୟ ପଦର ସମ୍ବନ୍ଧ ଥାଏ । ଯେଉଁ ପଦରୁ କୁରୁଷ, ବଚନ ଓ କାଳାଦିର ଧାରଣା ବୁଝାପଡ଼େ ତାହାକୁ ବାକ୍ୟରେ କ୍ରିୟାପଦ ଭାବରେ ବିବେଚନା କରାଯାଏ । ବାକ୍ୟରେ କ୍ରିୟା ପଦଟି କର୍ତ୍ତା ସାଧିତ ନିର୍ଦ୍ଦିଷ୍ଟ କର୍ମକୁ ବୁଝାଏ । ସୁତରାଂ ବାକ୍ୟରେ କର୍ତ୍ତା ଦ୍ୱାରା ଯାହା ସାଧିତ ହୋଇଥାଏ ତା'ର ସୂଚକ ପଦ ହେଉଛି କ୍ରିୟା । ସାଧାରଣ ଭାଷାରେ କହିଲେ କର୍ତ୍ତା ଦ୍ୱାରା କୌଣସି କାର୍ଯ୍ୟ ହେଉଥିବା, ହୋଇଥିବା ପ୍ରସଙ୍ଗ ଯେଉଁ ପଦ ମାଧ୍ୟମରେ ବୁଝାପଡ଼େ

ତାହାକୁ କ୍ରିୟା କୁହାଯାଏ ।"[୧] ଆମେ ଜାଣିଛେ ପଦ ପାଞ୍ଚ ପ୍ରକାର । ଏହି ପାଞ୍ଚ ପ୍ରକାର ମଧ୍ୟରୁ କ୍ରିୟାପଦ ଅନ୍ୟତମ । ତଳେ 'ସାରଳା ମହାଭାରତର ଆଦିପର୍ବ'ରୁ ଯେଉଁ ପଦଗୁଡ଼ିକରେ କ୍ରିୟା ରହିଛି ତନ୍ମଧ୍ୟରୁ କେତୋଟି ଉଦାହରଣ ରୂପେ ଦିଆଗଲା ।

୧. "ଜୟ ତୁ ଦଧିମଙ୍ଗଳ ବିଘ୍ନରାଜ
ଯାହାର ପ୍ରସନ୍ନେ ସିଦ୍ଧ ହୁଅଇ ସବଂ କାର୍ଯ୍ୟ ।"
(ଗଣେଶଙ୍କ ବନ୍ଦନା, ପଦ-୧, ପୃ.୧)

୨. "ଜୟ ତୁ ଜୟ ତୁ ଦେବ ସୁରଗଣ ରଖନ୍ତା
ଜୟ ତୁ ଜୟ ତୁ ଦେବ ପରମ ପତିହନ୍ତା ।"
(ଗଣେଶଙ୍କ ବନ୍ଦନା, ପଦ-୬, ପୃ.୧)

୩. "ସ୍ୱାମୀ ସଂଗ୍ରାମେ ବଧ ଯହୁଂ ନୋହିଲା ତ୍ରିପୁରା
ତୋହର ବୁଦ୍ଧବଳେ ନାଶ କଲାଟି ମହାବାରୀ ।"
(ଗଣେଶଙ୍କ ବନ୍ଦନା,ପଦ-୭, ପୃ.୧)

୪. "ଗ୍ରନ୍ଥକୁ କବିତ୍ୱ ହୋଇଛି ବ୍ୟାସ ମହାମୁନି
ତୁ ଲେଖନକର ଶୁଭ ଅନୁକୂଳ ଘେନି ।"
(ଗଣେଶଙ୍କ ବନ୍ଦନା, ପଦ-୧୧, ପୃ.୧)

୫. "ଯେ ଘୋର ସଂସାର ସାହେଇ
ତରିବାକୁ ବଳାଇଲି ମନୀଷା
ହସ୍ତରୁ ତରାଅନାଥ ପୁରାଅ ମନବାଞ୍ଛା ।"
(ଗଣେଶଙ୍କ ବନ୍ଦନା, ପଦ-୨୭, ପୃ.୩)

ଯେଉଁ ଶବ୍ଦଗୁଡ଼ିକ ତଳେ ଗାର ଦିଆଯାଇଛି ଯଥା- ପ୍ରଥମ ପଦର 'ହୁଅଇ', ୨ୟ ପଦର ରଖନ୍ତା, ୩ୟ ପଦର ନାଶକଲା, ୪ର୍ଥ ପଦର ହୋଇବ, ଲେଖନକର, ୫ମ ପଦର ତରିବା, ତରାଅ କ୍ରିୟାପଦ ।

**କ୍ରିୟାର ମୂଳପିଣ୍ଡ ଧାତୁ ସମ୍ପର୍କରେ :**

"କ୍ରିୟାର ମୂଳପିଣ୍ଡକୁ ଧାତୁ ବୋଲାଯାଏ ।"[୨] ଧାତୁରେ ପ୍ରତ୍ୟୟ ବା ତୁ ବିଭକ୍ତି ବା କ୍ରିୟା ବିଭକ୍ତିଯୁକ୍ତ ହେଲେ ତାହା କ୍ରିୟାପଦରେ ପରିଣତ ହୁଏ । କ୍ରିୟାର ମୂଳ ଉପାଦାନ ହେଉଛି ଧାତୁ । ଅର୍ଥାତ୍ ଧାତୁ କ୍ରିୟାର ମୂଳରୂପ ବା ପ୍ରକୃତି ଅଟେ । ଧାତୁଗୁଡ଼ିକ ଏକ ଏକ ସୂକ୍ଷ୍ମ ଆଧାର ପିଣ୍ଡ, ଯାହାକୁ ମୂଳରେ ରଖି ବିବିଧ କ୍ରିୟାରୂପ ଲାଭ କରିଥାଏ । ଯେଉଁ ଅର୍ଥକାରୀ ମୂଳ ଉପାଦାନଗୁଡ଼ିକ କ୍ରିୟାର ବା ସ୍ମ କାର୍ଯ୍ୟର ବାଚକ ହୋଇଥାନ୍ତି ସେଗୁଡ଼ିକ ଧାତୁ କୁହାଯାଏ । ଏଗୁଡ଼ିକ କ୍ରିୟାର ମୂଳ ଅଭିଧା ପ୍ରକୃତି । ଏକ ବାକ୍ୟରେ ଅନ୍ୟାନ୍ୟ ପଦ ସହ ମିଶି ଅଭିଧାମୂଳକ ଧାତୁ, ବଚନ, ପୁରୁଷକାଳ ଅନୁସାରେ ବିବିଧରୂପ ଗ୍ରହଣ କରେ । ଯଥା– ସାରଳା ମହାଭାରତରେ ଆଦିପର୍ବରେ ବ୍ୟବହୃତ ଏକ ଶବ୍ଦ 'ପଢ଼' ଏକ ଆଭିଧା ମୂଳକ ଧାତୁର ପ୍ରକୃତି । ଏଥିରୁ କାଳ, ବଚନ ଓ ପୁରୁଷ ଅନୁସାରେ ଇ, ଆ, ଏ, ବ, ଇବ, ଅନ୍ତ ଆଦିଯୋଗ ହୋଇ କ୍ରିୟାର ଗଠନ ହୁଏ । ଯଥା- ପଢ଼+ଅ = ପଢ଼, ପଢ଼ା, ପଢ଼େ, ପଢ଼ିବ, ପଢ଼ନ୍ତ, ପଢ଼ିଲା ଇତ୍ୟାଦି ।

**ସର୍ବସାର ବ୍ୟାକରଣ ଅନୁସାରେ ଧାତୁର ବିଭାଗୀକରଣ :**

"ଧାତୁ ଉତ୍ପତ୍ତି ଦୃଷ୍ଟିରୁ ପ୍ରଧାନତଃ ଦୁଇ ଶ୍ରେଣୀରେ ବିଭାଗ କରାଯାଇପାରେ, ଯଥା– ମୌଳିକ ଓ ବୈକୃତିକ । ମୌଳିକ ଧାତୁ ପୁଣି ଚାରି ଶ୍ରେଣୀରେ ବିଭକ୍ତ ହୁଏ – ତତ୍ସମ, ତଦ୍‌ଭବ, ଦେଶଜ ଓ ବୈଦେଶିକ । ବୈକୃତିକ ଧାତୁ ମଧ୍ୟ ଚାରି ବିଭିନ୍ନ ଶ୍ରେଣୀରେ ବିଭକ୍ତ । ପ୍ରୟୋଜକ ଧାତୁ, ନାମଧାତୁ, ସନନ୍ତ ଧାତୁ ଓ ଯଙନ୍ତ ଧାତୁ ।"[୩]

**ମୌଳିକ ଧାତୁ :**

**(୧) ତତ୍ସମ ଧାତୁ :**

ତତ୍ + ସମ, ଦୁଇଟି ଶବ୍ଦର ସମଷ୍ଟିରେ ଗଠିତ ହୋଇଛି । ଏହାର ମୌଳିକ ଅର୍ଥ ଅବିକଳ ରୂପରେ ଏଠାରେ 'ତତ୍' ମୂଳ ଭାଷାକୁ ବୁଝାଏ । ତେଣୁ ତତ୍ସମ କହିଲେ– ସେହି ଶବ୍ଦକୁ ବୁଝାଏ ଯାହାକୁ କୌଣସି ଭାଷା ନିଜର ଉତ୍ସ ଭାଷା ବା ମୂଳ ଭାଷାରୁ ହିଁ ଅବିକଳ ଭାବରେ ଗ୍ରହଣ କରି ଭାବବିନିମୟ ନିମନ୍ତେ ବ୍ୟବହାର କରିଥାଏ । ଓଡ଼ିଆ ଭାଷାରେ 'ତତ୍' କହିଲେ ଏହାର ମୂଳ ଭାଷା 'ସଂସ୍କୃତ'କୁ ବୁଝାଏ । 'ସମ' କହିଲେ ଶୁଦ୍ଧ ସଂସ୍କୃତ ଶବ୍ଦକୁ ବୁଝାଏ । ଏହି ଦୃଷ୍ଟିରୁ ଯେଉଁ ସଂସ୍କୃତ ଶବ୍ଦଗୁଡ଼ିକ 'ତତ୍ସମ ଶବ୍ଦ' କୁହାଯାଏ । ତତ୍ସମ ଶବ୍ଦକୁ ଓଡ଼ିଆ ବିଶୁଦ୍ଧ ଶବ୍ଦ, ଅବିକୃତ ଶବ୍ଦ, ଅପରିବର୍ତ୍ତିତ ଶବ୍ଦ, ଶିଷ୍ଟଶବ୍ଦ ଓ ସାଧୁ ଶବ୍ଦ ଭାବରେ ନାମିତ କରାଯାଇଥାଏ । ସେହିପରି "ଯେଉଁ ସବୁ ଧାତୁ ଅବିକଳ ସଂସ୍କୃତରୁ ଆନୀତ ହୋଇ ଓଡ଼ିଆରେ ବ୍ୟବହୃତ ହେଉ ଅଛନ୍ତି ସେମାନଙ୍କୁ ତତ୍ସମ ଧାତୁ କୁହାଯାଏ ।"[୪]

ତତ୍‌ସମ ଧାତୁ- ସାରଳା ମହାଭାରତର ଆଦିପର୍ବରେ ବ୍ୟବହୃତ କ୍ରିୟାର ଏକ ରୂପ

ଖଣ୍ଡ ଖଣ୍ଡି

ମଣ୍ଡ୍ ମଣ୍ଡି

"ମହାବ୍ରହ୍ମ ଯୋଗେଶ୍ୱର ସିନ୍ଦୂରେ ଗବମୁଖ ମଣ୍ଡି
ଯମ ଦର୍ପ ଗଞ୍ଜି ସର୍ବ ଅପରାଧ ଦୁଖ ଖଣ୍ଡି ।"

(ଗଣେଶଙ୍କ ବନ୍ଦନା, ପଦ-୪, ଆଦିପର୍ବ, ପୃ.୧)

ଗଞ୍ଜ୍ ଗଞ୍ଜି

ବସ୍ ବସିଲେ

"ଗିରିଜାର ନନ୍ଦନ ସତମତିହ୍ମାନେ
ଶ୍ରୀକରେ ଲେଖନ ଘେନି ବସିଲେ ଯେକମନେ ।"

(ଗଣେଶଙ୍କ ବନ୍ଦନା, ପଦ-୧୮, ଆଦିପର୍ବ, ପୃ.୩)

ଅର୍ଜ୍ ଅରଜିଲି

"ଦଇବସୁତ ମନୁ ହୋଇଲେ ପ୍ରଳମ
ତବ ପ୍ରସନ୍ନେ ମୁ ବି ମୁଁ ଅରଜିଲି ଅନେକ ଧର୍ମ ।"

(ବଂଶାନୁଚରିତ, ପଦ-୧, ଆଦିପର୍ବ, ପୃ.୭)

ମନ୍ଥ ମନ୍ଥିଲେ

"ଆହୋ ତ୍ରିଦଶ ଦେବତାୟେ ଯେ ମନ୍ଥିଲେ ସମୁଦର
ତହୁଁ ଉତପତ୍ତି ହୋଇଲେ ଶଶଧର ।"

(ବଂଶାନୁଚରିତ, ପଦ-୧୪, ଆଦିପର୍ବ, ପୃ.୮)

ଲଙ୍ଘ୍ ଲଙ୍ଘି

"ସମୋଦ୍ର ଭିତରେ ନେଇଂ ଶୁଭ ଖମ୍ଭେକ ପୋତିଲା
ସେହିଠାରୁଂ ସମୋଦ୍ର ସୀମା ଲଙ୍ଘି ନୁଆରିଲା ।"

(ଯଯାତି ଉପାଖ୍ୟାନ, ପଦ-୨୬, ଆଦିପର୍ବ, ପୃ.୧୧)

ଯା ଯାଇ

ଚଳ୍ - ଚଳିଲା, ଚଳିଗଲେ, ଚଳି, ଚଳିଗଲା

"ତହୁଂ ମାଳା ଘେନି ଚଳିଲା ସୂର୍ଯ୍ୟର ନନ୍ଦନୀ ।
ସନ୍ନିମ୍ନୋତା ଖେଳା ସେ ଦେବ ପଦ୍ମଯୋନି ।"

(ଶମ୍ବୁରାଣ ଉପାଖ୍ୟାନ,ପଦ-୨୯, ଆଦିପର୍ବ, ପୃ.୧୪)

"କୁବେର ଦେବତା ଯେ ସଭାର ନ ରହିଲେ
ଉଠିଣ ଆପଣା ଭୁଜନେ ଚଳିଗଲେ ।"

(ଶମ୍ବୁରାଣ ଉପାଖ୍ୟାନ, ପଦ-୨୮, ଆଦିପର୍ବ, ପୃ.୧୪)

ଖେଳ୍ - ଖେଳଇ, ଖେଳନ୍ତା

"ଯେମନ୍ତେ ପଢ଼ାର ଘରେ ଯେ ଅଛଇ ଗଙ୍ଗାବାଳା
କୁମାରୀମାନଙ୍କ ସଂଗେ ସେ ଖେଳଇ କୁତୁହୋଳୀ ।"

(ଶାନ୍ତନୁ ବିବାହ, ପଦ-୧, ଆଦିପର୍ବ, ପୃ.୧୮)

"ସତ୍ୟଯୁଗ ସତର ଲକ୍ଷ ଅଠାଅଶୀ ସହସ୍ର ବରଷ
ଖେଳଇ ନିର୍ଘାତ ଘରେ ଦେବୀ ବାଳୁତ ବୟସ ।"

(ଶାନ୍ତନୁ ବିବାହ, ପଦ-୧୨, ଆଦିପର୍ବ, ପୃ.୧୯)

ରମ୍ ରମନ୍ତି

"ଯେମନ୍ତ ଅନେକ ଯେ ବଢ଼ିଲା ପୀରତି
ଦିବାରାତ୍ର ରମନ୍ତି ସେ ହୋଇଣ ଅଶାନ୍ତି ।"

(ଶାନ୍ତନୁ ବିବାହ, ପଦ-୯୯, ଆଦିପର୍ବ, ପୃ.୨୬)

ପାଳ୍-ପାଳ, ପାଳିଲେ, ପାଳି

"ଗଙ୍ଗା ନ ଜାଣୁଂ ଯେହାକୁ ପ୍ରତିପାଳ ଅତି ଯତ୍ନେ
ପୁତ୍ରକୁ କୋଳେ ଧଇଲେ ପାରେଶ୍ୱର ମହାମୁନ୍ୟେ ।"

(ଶାନ୍ତନୁ ବିବାହ, ପଦ-୧୨୪, ଆଦିପର୍ବ, ପୃ.୨୯)

"ପୁତ୍ର ଗୋଟିକ ଯତନେ ପାଳିଲେ ସତ୍ୟବତୀ
ବଢ଼ଇ ଚିତ୍ରବୀର୍ଯ୍ୟ ଅଯୋନି ଜାତ ମୂର୍ତ୍ତି ।"

(ଶାନ୍ତନୁ ବିବାହ, ପଦ-୧୨୫, ଆଦିପର୍ବ, ପୃ.୨୯)

ସମ୍-ଅର୍ପ = ସମର୍ପିଲେ

"ଗଙ୍ଗାକୁ ଲୁଚାଇଣ ନେଲେ ନିଶାରାତି
ଗଙ୍ଗାର ଡରେ ପୁତ୍ରକୁ ସମର୍ପିଲେ ସତ୍ୟବ୍ରତୀ ।"

(ଶାନ୍ତନୁ ବିବାହ, ପଦ-୧୭୯, ଆଦିପର୍ବ, ପୃ.୩୩)

**(୨) ତଦ୍‌ଭବ ଧାତୁ :**

ଯେଉଁ ଧାତୁଗୁଡ଼ିକ ସଂସ୍କୃତ ଧାତୁରୁ ପରିବର୍ତ୍ତିତ ଅବସ୍ଥାରେ ଆସି ଓଡ଼ିଆ ଭାଷାରେ ବ୍ୟବହୃତ ହେଉଅଛନ୍ତି, ସେମାନଙ୍କୁ ତଦ୍‌ଭବ ଧାତୁ କହନ୍ତି । ତଦ୍‌ଭବର ଅର୍ଥ ହେଉଛି ତହିଁରୁ ଜାତ (ତତ୍+ଭବ) ଅର୍ଥାତ୍ ତତ୍‌ସମ ବା ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା ସଂସ୍କୃତ

ଶବ୍ଦମାନଙ୍କରୁ ଉଦ୍ଭବ । "ଯେଉଁସବୁ ଧାତୁ ସଂସ୍କୃତରୁ ଆସି ବିକୃତ ଭାବରେ ଓଡ଼ିଆ ଭାଷାରେ ବ୍ୟବହୃତ ହେଉଅଛନ୍ତି ସେମାନଙ୍କୁ ତଦ୍‌ଭବ ଧାତୁ ବୋଲାଯାଏ ।"[୫]

**ମୂଳଧାତୁ ତତ୍‌ସମ ଧାତୁ ଓଡ଼ିଆ ଧାତୁ ତଦ୍‌ଭବ ଧାତୁ ସାରଳା ମହାଭାରତର ଆଦିପର୍ବରେ ବ୍ୟବହୃତ କ୍ରିୟାର ଏକରୂପ :**

| | | |
|---|---|---|
| ଅର୍ଜ୍ | ଅରଜ୍ | ଅରଜଇ |
| କଥ୍ | କହ | କହଇ, କହନ୍ତି |
| ପଠ୍ | ପଢ଼ | ପଢ଼ଇ, ପଢ଼ନ୍ତି |
| ଦୃଶ୍ | ଦେଖ୍ | ଦେକ୍‌ଖଇ, ଦେଖନ୍ତି |
| ଜୀବ୍ | ଜୀ | ଜୀଅଇ, ଜୀଇଲେ |
| ଖାଦ | ଖା | ଖାଅଇ, ଖାଇଲୁ |
| ଇଷ୍ | ଇଚ୍ଛ୍ | ଇଚ୍ଛିଲେ |
| ଜ୍ୱଲ୍ | ଜଲ୍ | ଜଳିଲା |
| ଧାବ୍ | ଧାମ୍ | ଧାମଇଂ |
| ମାର୍ଗ | ମାଗ୍ | ମାଗଇ, ମାର୍‌ଗେଇ |

**(୩) ଦେଶଜ ଧାତୁ :**

ଓଡ଼ିଆ ଶବ୍ଦଭଣ୍ଡାର ଅନେକ ଶବ୍ଦ ରହିଛି ଯେଉଁଗୁଡ଼ିକ ସଂସ୍କୃତ ନୁହେଁ କି ସଂସ୍କୃତରୁ ଉତ୍ପନ୍ନ ନୁହେଁ । ଏସବୁ ଶବ୍ଦର ମୂଳ ଏଯାବତ୍ ନିର୍ଦ୍ଧାରିତ ହୋଇପାରି ନାହିଁ । "ଯେଉଁସବୁ ଧାତୁ ସଂସ୍କୃତ ଧାତୁମାନଙ୍କରୁ ପ୍ରତ୍ୟକ୍ଷ ବା ପରୋକ୍ଷରେ ଭାବରେ ଆନୀତ ହୋଇଥିବା କଥା ସ୍ଥିର ହୋଇନାହିଁ । ସେମାନେ ଦେଶଜ ଧାତୁ ।"[୬]

**ଧାତୁ-ସାରଳା ମହାଭାରତର ଆଦିପର୍ବରେ ବ୍ୟବହୃତ କ୍ରିୟାର ଏକରୂପ :**

| | |
|---|---|
| ଖଟ୍ | ଖଟିଲେ, ଖଟଇ |
| ଖୁଞ୍ଚ୍ | ଖୁଞ୍ଚିଲେ |
| ବଢ଼୍ | ବଢ଼ି |
| ଝୁଣ୍ଟ୍ | ଝୁଣ୍ଟିଲେ |
| ଟେକ୍ | ଟେକିଲେ |
| ଡ଼ାକ୍ | ଡ଼ାକନ୍ତି |
| ଢ଼ଳ୍ | ଢ଼ଳିଲା |
| ବୁଲ୍ | ବୁଲଇ |
| ଭୁଲ୍ | ଭୁଲିଲେ |
| ମେଣ୍ଟ୍ | ମେଣ୍ଟିଲେ |

**କ୍ରିୟାପଦର ବ୍ୟବହାରିକ ପ୍ରକାର ଭେଦ :**

ବାକ୍ୟରେ କ୍ରିୟାର ଉପସ୍ଥିତି, ଅର୍ଥ ପ୍ରତିପାଦନ, ବ୍ୟବହାରିକ କାଳ ଓ ଉଦ୍ଦେଶ୍ୟକୁ ନେଇ ଆମେ ଓଡ଼ିଆରେ କ୍ରିୟାପଦକୁ ଦଶଟି ବିଭାଗରେ ବିଭକ୍ତ କଲି । ସେଗୁଡ଼ିକ ହେଉଛି – ସମାପିକା କ୍ରିୟା, ଅସମାପିକା କ୍ରିୟା, ଯୌଗିକ କ୍ରିୟା, ମିଶ୍ର କ୍ରିୟା, ନାମଧାତୁ କ୍ରିୟା, ଅକର୍ମକ କ୍ରିୟା, ସକର୍ମକ କ୍ରିୟା, ଦ୍ୱିକର୍ମକ କ୍ରିୟା, ନାସ୍ତିବାଚକ କ୍ରିୟା, କ୍ରିୟା ବିଶେଷଣ, କ୍ରିୟାବାଚକ ବିଶେଷଣ ଇତ୍ୟାଦି ।

**ସମାପିକା କ୍ରିୟା :**

ଯେଉଁ କ୍ରିୟାଙ୍କ ଦ୍ୱାରା ପଦ ଶେଷ ହୁଏ ବୋଲି ବୁଝାଯାଏ, ତାହାକୁ ସମାପିକା କ୍ରିୟା କୁହାଯାଏ । ସମାପିକା କ୍ରିୟା ସ୍ୱାଧୀନ, ଏହାର ବ୍ୟବହାର ଦ୍ୱାରା ଅନ୍ୟ କ୍ରିୟାକୁ ଅପେକ୍ଷା ନକରି ବା ଅନ୍ୟ କ୍ରିୟାର ସାହାଯ୍ୟ ନ ନେଇ ପଦର ଅର୍ଥ ସଂପୂର୍ଣ୍ଣ ରୂପେ ପ୍ରକାଶ ପାଇଥାଏ । ସମାପିକା କ୍ରିୟା ଦ୍ୱାରା ବାକ୍ୟର ସଂପୂର୍ଣ୍ଣତା ସାଧନ ହେଉଥିବାରୁ ଏହା ବିନା ବାକ୍ୟ ଗଠିତ ହୋଇପାରେ ନାହିଁ । ସମାପିକା କ୍ରିୟା କର୍ତ୍ତା ସହିତ ସମ୍ବନ୍ଧ ରଖିଥାଏ । ଏହି କ୍ରିୟାକର୍ତ୍ତାର ପୁରୁଷ-ବଚନ ଏବଂ ବାକ୍ୟାର୍ଥର କାଳ ଅନୁସାରେ ବଦଳେ । ବିଭିନ୍ନ ପୁରୁଷ, ବଚନ, କାଳ ଓ ଭାବକୁ ନେଇ ଗୋଟିଏ ନିର୍ଦ୍ଦିଷ୍ଟ କ୍ରିୟାର ଯେତେ ପ୍ରକାର ରୂପ ହୋଇପାରେ- ସେହି ସମସ୍ତ ରୂପ ସମାପିକା କ୍ରିୟା ଭାବରେ ବାକ୍ୟରେ ବ୍ୟବହୃତ ହୋଇପାରନ୍ତି ।

'ସାରଳା ମହାଭାରତର ଆଦିପର୍ବ'ରେ ଯେଉଁ ପଦଗୁଡ଼ିକରେ ସମାପିକା କ୍ରିୟାର ବ୍ୟବହାର ହେଉଛି, ସେହି ପଦଗୁଡ଼ିକ ନିମ୍ନରେ ଦିଆଗଲା ।

୧. "ଯେ ଘୋର ସଂସାର ସାହାରେ ତରିବାକୁ ବଳାଇଲି ମନୀଷା

ହସ୍ତରୁ ତରାଅ ନାଥ ପୁରାଅ ମନବାଞ୍ଛା ।"

(ଗଣେଶଙ୍କ ବନ୍ଦନା, ପଦ-୨୨, ପୃ.୩)

୨. "ଶ୍ରୀ ବିଘ୍ନନାଥ ଚରଣେ ମୋର ସେବା

ଯେ ଶ୍ରୀମହାଭାରତ କହିବି ମୋତେ ପ୍ରସନ୍ନ ହୋଇବା ।"

(ପଦ-୨୬, ପୃ.୩)

୩.  "କଳିକାଳ ଧ୍ୱଂସିତା ଭୋଗେଣ କୋଟିପୂଜା
ପ୍ରଳମ୍ବିତେ ଖଟଇଂ ଶ୍ରୀ କପିଳେଶ୍ୱର ମହାରାଜା ।"
(ସାରଳାଦେବୀଙ୍କ ବନ୍ଦନା,ପଦ-୫, ପୃ.୪)

୪.  "ମହାଯୋଗେଶ୍ୱରୀ ସେ ପରମ ବଇଷ୍ଣବ ?
ପ୍ରତକ୍ଷ ବର ଦିଅଇ ସେ ପରମ ସାଧବୀ ।"
(ସାରଳାଦେବୀଙ୍କ ବନ୍ଦନା, ପଦ-୧୦, ପୃ.୫)

୫.  "ବାଞ୍ଛା ସାର୍ଥକୁ ସେ ଦେବୀର ଅଟଇ
ପାଷାଣ ହୋଇକରି ବାଞ୍ଛା ତାହାର ଫୁଟଇ ।"
(ସାରଳାଦେବୀଙ୍କ ବନ୍ଦନା, ପଦ-୧୧, ପୃ.୫)

୬.  "ପ୍ରସନ୍ନେତା ଆଜ୍ଞା ମୋତେ ଦିଲେ ଶାକମ୍ଭରୀ
ଲଭ ତୁ କପିଳାସ ଶ୍ରୀମହାଭାରଥ କରି ।"
(ସାରଳାଦେବୀଙ୍କ ବନ୍ଦନା, ପଦ-୧୪, ପୃ.୫)

୭.  "ବଇଦସୁତ ମନୁ ହୋଇଲେ ପ୍ରଳମ
ତବ ପ୍ରସନ୍ନେ ମୁନି ମୁଁ ଅରଜିଲି ଅନେକ ଧର୍ମ ।"
(ବଂଶାନୁଚରିତ, ପଦ-୧, ପୃ.୭)

୮.  "ଶ୍ରୀକରେ ଅର୍ଘ୍ୟ ଘେନି ପଖାଳିଲେ ପାଦବେନି
ମୋକ୍ଷକଇଂ କାରଣ ମୋତେ କହିବା ଅଗସ୍ତି ମହାମୁନି ।"
(ବଂଶାନୁଚରିତ, ପଦ-୨, ପୃ.୭)

୯.  "ଘଟରଷିର ନନ୍ଦନ ମୋତେ ପ୍ରତିକାର କରିବା
ତୋହର ପାଦପଦ୍ମେ ମୋହର ଅହର୍ନିଶି ସେବା ।"
(ବଂଶାନୁଚରିତ, ପଦ-୧୯, ପୃ.୮)

୧୦.  "ପୁରୁରବା ବାଣ୍ଟିଲେ ସରୋଚର ପୃଥୀ
ନବଦ୍ୱୀପ ସପତ ସାଗର ଶୋଇଲେ ବସୁମାତା ।"
(ବଂଶାନୁଚରିତ, ପଦ-୧୯, ପୃ.୮)

ଏହି ଦଶଟି ପଦରେ ସମାପିକା କ୍ରିୟାର ବ୍ୟବହାର ଦେଖିବାକୁ ମିଳୁଛି । ପ୍ରଥମ ପଦର ତରିବାକୁ, ଜଳାଇଲି, ପୁରାଅ, ମନବାଞ୍ଛା, କ୍ରିୟା ଦ୍ୱାରା ପଦର ପାଦଗୁଡ଼ିକ ପୂର୍ଣ୍ଣ ହୋଇଥିବାର ଜଣାପଡୁଛି । ତରିବାକୁ ଉଦ୍ଧାର ପାଇବା ବା ପାରହେବା ଅର୍ଥରେ ଜଳାଇଲି - ଇଚ୍ଛା ହେବା ବା ଆଶା ହେବା ଅର୍ଥରେ, ପୁରାଅ - ପୂର୍ଣ୍ଣହେବା, ବାଞ୍ଛା - ଆଶା କରିବା ଅର୍ଥରେ କ୍ରିୟା ବା ସମାପିକା କ୍ରିୟା ଅର୍ଥରେ ବ୍ୟବହୃତ ହୋଇଛି ।

ଦ୍ୱିତୀୟ ପଦର ସେବା, ହୋଇବ ଦୁଇଟି କ୍ରିୟା ଦ୍ୱାରା ପଦର ପାଦ ଦୁଇଟି ପୂର୍ଣ୍ଣ ଅର୍ଥରେ ବୁଝାପଡୁଛି । 'ସେବା' ସେବା କରିବା ଅର୍ଥରେ । ହୋଇବ ପୂର୍ବରୁ ପ୍ରସନ୍ନ ଅଛି, ପ୍ରସନ୍ନ ହୋଇବ ଦ୍ୱାରା ପାଦର ସମାପ୍ତି ବୁଝାପଡୁଛି । ତେଣୁ ଦ୍ୱିତୀୟ ପଦର ସେବା, ହୋଇବା ଦୁଇଟି ହେଉଛି ସମାପିକା କ୍ରିୟା ।

ତୃତୀୟ ପଦର ଧ୍ୱଂସିତା, ଖଟଇଂ ଦୁଇଟି ସମାପିକା କ୍ରିୟା । ଧ୍ୱଂସିତା - ନାଶ କରିବା, ବିଲୋପ କରିବା । ଖଟଇଂ– ଖଟିବା, କାମ କରିବା, କାର୍ଯ୍ୟର ସୂଚନା ମିଳୁଛି ପଦଗୁଡ଼ିକ ପୂର୍ଣ୍ଣ ମଧ ହେଉଛି ।

ଚତୁର୍ଥ ପଦରେ ଦିଅଇ-ପ୍ରଦାନ କରିବା ଅର୍ଥରେ ବ୍ୟବହୃତ ପଦରେ । ତେଣୁ ଦିଅଇ ହେଉଛି ଏକ ସମାପିକା କ୍ରିୟା ।

ପଞ୍ଚମ ପଦରେ ବାଞ୍ଛା, ଅଟଇ, ଫୁଟଇ ଗୋଟିଏ ଗୋଟିଏ ସମାପିକା କ୍ରିୟା । ଏହି କ୍ରିୟାପଦ ଦ୍ୱାରା ପାଦପୂର୍ଣ୍ଣ ଜଣାପଡୁଛି । ବାଞ୍ଛା - ଆଶାକରିବା, ଅଟଇ – ଶବ୍ଦଦ୍ୱାରା ପଦପୂର୍ଣ୍ଣ ହେଇଛି, ଫୁଟଇ - ଫୁଟିବା, ପ୍ରକାଶିତ ହେବା ।

ଷଷ୍ଠ ପଦରେ ଆଜ୍ଞା ମୋତେ ଦିଲେ, ଦିଲେ – ଦେଲେ ଶବ୍ଦଦ୍ୱାରା ପାଦର ଅର୍ଥ ପୂର୍ଣ୍ଣ ହେଉଛି । ତେଣୁ ଏହାଏକ ସମାପିକା କ୍ରିୟା ।

ସପ୍ତମ ପଦରେ ହୋଇଲେ ପ୍ରଳମ - ନମସ୍କାର ହୋଇଲେ । ଅରଜିଲି – ଲାଭକରିବା । ନାମଦ୍ୱାରା ପାଦର ପୂର୍ଣ୍ଣଅର୍ଥ ପ୍ରକାଶ କରୁଛି । ତେଣୁ ଏହି ଦୁଇଟି ହେଉଛି ସମାପିକା କ୍ରିୟା ।

ଅଷ୍ଟମ ପଦରେ ପଖାଳିଲେ – ଏଠି ଧୋଇବା ଅର୍ଥରେ ବ୍ୟବହୃତ । ଏହି ଶବ୍ଦ ଦ୍ୱାରା ପାଦଟି ପୂର୍ଣ୍ଣ ଅର୍ଥ ପ୍ରକାଶ କରୁଛି । ଏହା ଏକ ସମାପିକା କ୍ରିୟା ।

ସେହିପରି ୯ମ ପଦ ଓ ୧୦ ପଦର କରିବା, ସେବା, ବାଣ୍ଟିଲେ, ଶୋଇଲେ କ୍ରିୟାପଦ ଦ୍ୱାରା ପଦଗୁଡ଼ିକ ସମାପ୍ତି ବା ପୂର୍ଣ୍ଣ ଅର୍ଥପ୍ରକାଶ କରୁଛି ତେଣୁ ଏ ଶବ୍ଦ ସବୁ ସମାପିକା କ୍ରିୟାପଦ ।

**ଅସମାପିକା କ୍ରିୟାପଦ :**

ଯେଉଁ କ୍ରିୟାପଦ ଦ୍ୱାରା ବାକ୍ୟ ଶେଷ ହୋଇପାରେ ନାହିଁ ଓ କାର୍ଯ୍ୟ ଅସମାପ୍ତ ଭାବରେ ଘଟିଚାଲିବାର ବା ଚାଲୁଥିବାର ବୁଝାପଡ଼େ ତାହାକୁ 'ଅସମାପିକା କ୍ରିୟା' କୁହାଯାଏ । ଅର୍ଥାତ୍ ଯେଉଁ କ୍ରିୟା କାବ୍ୟରେ ପଦକୁ ସମାପ୍ତ କରିପାରେ ନାହିଁ ତାହାକୁ 'ଅସମାପିକା କ୍ରିୟା' କୁହାଯାଏ । ବାକ୍ୟରେ ଏହା କୌଣସି କାର୍ଯ୍ୟର ଅସମାପ୍ତିକୁ ବୁଝାଏ । ଏହି କ୍ରିୟାପଦ କର୍ତ୍ତାର ପୁରୁଷ-ବଚନ-କାଳ-ଭାବ ଅନୁସାରେ ବଦଳେ ନାହିଁ । ଅସମାପିକା କ୍ରିୟା ଦୋହରାଯାଇ ଦ୍ୱିତ୍ୱ ରୂପରେ ବ୍ୟବହୃତ ହୁଏ । ଦୁଇଟି କାର୍ଯ୍ୟ ଏକାସଂଗରେ ହେଉଥିଲେ ଆଗପଛ ହୋଇ ନିଷ୍ପନ୍ନ ହେଉଥିଲେ,

ଲାଭଯୋଗେ ଗଠିତ କ୍ରିୟାପଦ ଦ୍ୱିତ୍ୱ ହୋଇଥାଏ । ଅସମାପିକା କ୍ରିୟାର ରୂପରେ ଣୁ, କରି, କି ପ୍ରତ୍ୟୟ ଯୋଗ ହୋଇଥାଏ । ସାରଳା ମହାଭାରତର ଆଦିପର୍ବର ଯେଉଁ ପଦଗୁଡ଼ିକରେ ଅସମାପିକା କ୍ରିୟା ବ୍ୟବହାର ଦେଖାଦେଇଛି ସେହି ପଦଗୁଡ଼ିକ ନିମ୍ନରେ ଦିଆଗଲା । ଯଥା –

୧. "ଯେ ପୃଥ୍ୱୀ ପୁଣଭାଗ ମୂଳକଲେ
ମଣ୍ଡଳ ଖଣ୍ଡ ଖଣ୍ଡ କରି ନବ ସୃଷ୍ଟି ଭିଆଇଲେ ।"
(ଯଯାତି ଉପାଖ୍ୟାନ,ପଦ-୩୭, ପୃ.୧୧)

୨. "ବିଶ୍ୱାନନ୍ଦ କରି ଯେ କଲାକ ଭିଆଣ
ମହାପ୍ରତାପୀ ହୋଇଲା ଶମ୍ଭୁରାଣ ।"
(ଶମ୍ଭୁରାଣ ଉପାଖ୍ୟାନ, ପଦ-୭, ପୃ,୧୨)

୩. "କେବଳ ମାତ୍ରା ତାହାକୁ ସଂଜ୍ଞା ଜନ୍ମ ଦେଲେ
ଅତ୍ୟନ୍ତ ମତେ କେ କତିକି ଯାଇଂ ନୁଆରିଲେ ।"
(ଶମ୍ଭୁରାଣ ଉପାଖ୍ୟାନ, ପଦ-୪, ପୃ.୧୨)

୪. "ଗର୍ଜନ ନାଦ କରି ନିର୍ଘାତ ନରପତି
ସଅମ୍ବରେ ବିଜୟେ ଯାଇ ମଣ୍ଡଳ ଚକ୍ରବତୀ ।"
(ଶମ୍ଭୁରାଣ ଉପାଖ୍ୟାନ, ପଦ-୧୪, ପୃ.୧୩)

୫. "ଯେସନେକ ସୟମ୍ବର ଦେଖିଣ ବିବୁଧାଦି
ଦେବତାନ୍ତ ସମାର୍ଜନା କଲେ ଦେବ ଯେ ଅନାଦି ।"
(ଶମ୍ଭୁରାଣ ଉପାଖ୍ୟାନ, ପଦ-୧୭, ପୃ.୧୩)

୬. "କୁବେର ଦେବତା ଯେ ସଭାରେ ନ ରହିଲେ
ଉଠିଣ ଆପଣା ଭୁବନେ ଚଳିଗଲେ ।"
(ଶମ୍ଭୁରାଣ ଉପାଖ୍ୟାନ, ପଦ-୨୮, ପୃ.୧୪)

୭. "ପିତାମହଙ୍କୁ ନ ଦେଖି ସେ ଦିନକର କୁମାରୀ
ମାଳା ଘେନି ମିଳିଲା ଯହିଁ ବିଜୟେ ତ୍ରିପୁରାରି ।"
(ପଦ-୩୧, ପୃ.୧୭)

୮. "ନୃପତି ହୃଦରେ ନେଇ ଦିଲାକ ପୁଷ୍ପମାଳେ
ଶ୍ରୀଭୁଜେ ଧରିନେଇ ଶମ୍ଭୁରାଣ ବସାଇଲେ କୋଳେ ।"
(ପଦ-୪୪, ପୃ.୧୫)

୯. "ଆହୋ ସୋମବଂଶ ରାଜ୍ୟେ ପରଜା ଉପୁଜାଇ ଯେବଣ କୃଷି
କାଟିକେ ବିନାୟେ ସଂଜ ଦେଇ ନିଅଇ ବେନିରାଶି ।"
(ଶାନ୍ତନୁ ଉପାଖ୍ୟାନ, ପଦ-୧୩,ପୃ.୧୬)

୧୦. "ନିର୍ଘାତ ପାଳଇ ସେ ଅନାଦି ନିରଞ୍ଜନା
ତ୍ରୟୋଦଶ ବରଷ ଯେ ହୋଇଲା ନନ୍ଦନୀ ।"
(ଶାନ୍ତନୁ ଉପାଖ୍ୟାନ, ପଦ-୧୭, ପୃ.୧୭)

ଏହି ୧୦ଟି ପଦରେ ବ୍ୟବହୃତ ହୋଇଥିବା ଅସମାପିକା କ୍ରିୟାଗୁଡ଼ିକ ହେଉଛି –

୧. ଖଣ୍ଡ ଖଣ୍ଡ କରି ୨. କରି ୩. ଯାଇଂ ୪. କରି, ଯାଇ ୫. ଦେଖିଣ ୬. ଉଠିଣ, ଚଳି ୭. ଦେଖି, କର ୮. ନେଇ, ଧରିନେଇ ୯. ଦେଇ ୧୦. ପାଳଇ ୧୧. କରିଦେଖ ୧୨. ଚଳନ୍ତି ୧୩. ଶୁଣସି ୧୪. ଥିବେ, ଆସିବେ ୧୫. କର, ଦେଖୁଂ ଦେଖୁଂ ୧୬. ବାହୁଥିବୁ, ପାରିକରି ୧୭. ଚଳଇ, ବାହି ବାହି ୧୮. ଦେଖି ୧୯. ଧରି, କରଇ ୨୦. ଭଡ଼ ଭଡ଼ କରି

ଅନ୍ୟାନ୍ୟ ପଦରେ ବ୍ୟବହୃତ ହୋଇଥିବା ଅସମାପିକା କ୍ରିୟାଗୁଡ଼ିକ ହେଉଛି – ହୋଇକରି, ଦେଖିକରି, ବୋଲିକରି, ଘେନିକରି, ପେଲି ପକାଇ, ଭିଆଣ କରି, କରଣ କରି ଆଣି ।

**ଯୌଗିକ କ୍ରିୟା :**

ଯେଉଁ କ୍ରିୟାପଦରେ ମୁଖ୍ୟ ଓ ସାହାଯ୍ୟକାରୀ ଧାତୁ ଭାବରେ ଦୁଇଟି ଧାତୁ ଯୋଗ ହୋଇ ରହିଥାଏ, ତାହାକୁ ଯୌଗିକ କ୍ରିୟା କୁହାଯାଏ । ସାଧାରଣତଃ ଯୌଗିକ କ୍ରିୟାପଦରେ ଦୁଇଟି ଅଂଶଥାଏ । ଦୁଇଟି ଅଂଶରେ ମୂଳ କ୍ରିୟା ଓ ସହଯୋଗୀ ଦ୍ୱିତୀୟ କ୍ରିୟା ଏପରି ଦୁଇଟି କ୍ରିୟା ଥାଏ । ପ୍ରଥମ ଅଂଶ ମୂଳ କ୍ରିୟାଟି ଅସମାପିକା ଆକୃତିର । ଦ୍ୱିତୀୟ ଅଂଶର କ୍ରିୟାଟି କାଳ-ପୁରୁଷ-ବଚନ ସୂଚକ ହୋଇ ସମାପିକା କ୍ରିୟା ଆକୃତିର ହୋଇଥାଏ । ଯୌଗିକ କ୍ରିୟାଗୁଡ଼ିକ ଲେଖିଲା ବେଳେ ମୁଖ୍ୟ ଓ ଗୌଣ କ୍ରିୟା ଲାଗି ଲାଗି ଲେଖାଯାଏ । ସାହାଯ୍ୟକାରୀ ଅଂଶରେ 'ଅଛ' ଓ 'ଥା' ଏହି ଦୁଇଟି ମାତ୍ର ଧାତୁ ବ୍ୟବହୃତ ।

ସାରଳା ମହାଭାରତରେ ଆଦିପର୍ବରେ ଯେଉଁ ପଦଗୁଡ଼ିକରେ ଯୌଗିକ କ୍ରିୟା ବ୍ୟବହୃତ ହୋଇଅଛି ତାହାର ଉଦାହରଣ ନିମ୍ନରେ ଦିଆଗଲା । ଯଥା-

୧. "ଗ୍ରନ୍ଥକୁ କବିତ୍ୱ ହୋଇବ ବ୍ୟାସ ମହାମୁନି
ତୁ ଲେଖନ କର ଶୁଭ ଅନୁକୂଳ ଘେନି ।"
(ଗଣେଶଙ୍କ ବନ୍ଦନା, ପଦ-୧୧, ପୃ.୧୩)

୨. "ମେଘମାନ ସହିତେ ନୃପତି ହେମବନ୍ତ
ସେହି ପ୍ରବେଶ ହୋଇଲେ ମଳୟ ପର୍ବତ ।"
(ଶମ୍ଭୁରାଣ ଉପାଖ୍ୟାନ, ପଦ-୧୫, ପୃ.୧୩)

୩.  "ଅଣରକ୍ଷ ପବନ ପକ୍ଷ ଯେ କିନ୍ନର
କାଳଗଣନ୍ତ ଘେନି ବିଜୟ ନାଶକର ।"
(ଶମ୍ବୁରାଣ ଉପାଖ୍ୟାନ, ପଦ-୧୫, ପୃ.୧୩)

୪.  "ପିତାର ବଚନ ଯେ ଶୁଣିଣ ତପତୀ
ମାଳା ଘେନି ମିଳିଲା ସେ ସୁରନାଥର କତି ।"
(ପଦ-୨୪, ପୃ.୧୪)

୫.  "କୁବେର ଦେବତା ଯେ ସଭାରେ ନ ରହିଲେ
ଉଠିଣ ଆପଣା ଭୁବନେ ଚଳିଗଲେ ।"
(ଶମ୍ବୁରାଣ ଉପାଖ୍ୟାନ, ପଦ-୨୮, ପୃ.୧୪)

୬.  "ତହୁଁ ମାଳା ଘେନି ଚଳିଲା ସୂର୍ଯ୍ୟର ନନ୍ଦନୀ
ସନ୍ନିତା ଦେଖିଲା ସେ ସେବ ପଦ୍ମ ଯୋନି ।"
(ଶମ୍ବୁରାଣ ଉପାଖ୍ୟାନ, ପଦ-୨୯, ପୃ.୧୪)

୭.  "ନୃପତି ହୃଦରେ ନେଇ ଦିଲାକ ପୁଷ୍ପମାଳେ
ଶ୍ରୀଭୁଜେ ଧରିନେଇ ଶମ୍ବୁରାଣ ବସାଇଲେ କୋଳେ ।"
(ଶମ୍ବୁରାଣ ଉପାଖ୍ୟାନ, ପଦ-୪୪, ପୃ.୧୫)

୮.  "ଅଶ୍ୱ ଉପରେଂ ବିଜେ କରିଛନ୍ତି ଶମ୍ବୁରାଣ
ମାଳା ଘେନିଣ ତପତୀ ମିଳିଲା ସନ୍ନିଧେଣ ।"
(ଶମ୍ବୁରାଣ ଉପାଖ୍ୟାନ, ପଦ-୪୩, ପୃ.୧୫)

୯.  "ଯେହାର ତହୁଁ ଉପୁଜିଲା ପାର୍ଥିବ ନରପତି
ଯେମନ୍ତେଣ ସୋମବଂଶ ହୋଇଲା ଉତପତ୍ତି ।"
(ଶାନ୍ତନୁ ଉପାଖ୍ୟାନ, ପଦ-୨, ପୃ.୧୬)

୧୦.  "ଅତିଅନ୍ତ ଭଗତି ସେ କାଶୀ ସେବାକରି
କଷ୍ଟା କଉପୁନି ହୋଇଲେ ମାଥେ ଜଟାଧାରୀ ।"
(ଶାନ୍ତନୁ ଉପାଖ୍ୟାନ, ପଦ-୫, ପୃ.୧୬)

ଏହି ୧୨ଟି ପଦରେ ବ୍ୟବହୃତ ହୋଇଥିବା ଯୌଗିକ କ୍ରିୟାଗୁଡ଼ିକ ହେଉଛି – (୧) ଲେଖନକର, ଅନୁକୂଳ ଘେନି, (୨) ପ୍ରବେଶ ହୋଇଲେ, (୩) ନାଶକର, (୪) ଘେନି ମିଳିଲା, (୫) ଚଳିଗଲେ, (୬) ଘେନି ଋଚିଲା, (୭) ନେଲ ଦିଲାକ, ଧରିନେଇ, (୮) ବିଜେ କରିଛନ୍ତି, (୯) ହୋଇଲା ଉତପତ୍ତି, (୧୦) ସେବାକରି, (୧୧) ପ୍ରସନ୍ନ ହୋଇଲେ, (୧୨) ଭ୍ରମଣ କରି ଦେଖ ।

**ପ୍ରେରଣାର୍ଥକ କ୍ରିୟା :**

ଯେଉଁ କ୍ରିୟା ଦ୍ୱାରା କେହି କିଛି କରାଇବାର ଜଣାଯାଏ ତାହାକୁ ପ୍ରେରଣାର୍ଥକ କ୍ରିୟା କହନ୍ତି । ଅନ୍ୟ ଅର୍ଥରେ କହିଲେ ଯେଉଁ କ୍ରିୟା ଦ୍ୱାରା କର୍ତ୍ତା ଅନ୍ୟ କାହା ମାଧ୍ୟମରେ କିଛି କରାଇବାର ବୁଝାଯାଏ ତାହାକୁ ପ୍ରେରଣାର୍ଥକ କ୍ରିୟାପଦ କୁହାଯାଏ । ସାରଳା ମହାଭାରତର ଆଦିପର୍ବରେ ବ୍ୟବହୃତ ହୋଇଥିବା ପ୍ରେରଣାର୍ଥକ କ୍ରିୟାଗୁଡ଼ିକ ହେଉଛି– ମୂଳଧାତୁରେ 'ଆ' ଯୋଗ କରି ପ୍ରେରଣାର୍ଥକ କ୍ରିୟାପଦର ମୂଳରୂପକ ଗଠିତ ହୁଏ ।

୧.  "ଧରଣ ଧାରଣ ବ୍ରହ୍ମ ଗୁଟିକା ଅଞ୍ଜନ ରସରସାୟ ସଞ୍ଜୟ
କୁମାରକୁ କରାଇଲେ ପଠନ ।"
(ବ୍ୟାସଙ୍କ ଦ୍ୱାରା ଧୃତରାଷ୍ଟ୍ରଙ୍କୁ ଦିବ୍ୟଚକ୍ଷୁ ଦାନ, ସଞ୍ଜୟଙ୍କ ଠାରୁ ଧୃତରାଷ୍ଟ୍ର ଓ ପଣ୍ଡୁଙ୍କର ବିଦ୍ୟାପାଠ, ପଦ-୧୨, ଆଦିପର୍ବ, ପୃ.୯୬)

୨.  "ଧୃତରାଷ୍ଟ୍ର ପଣ୍ଡୁ ବଢ଼ନ୍ତି ବେନି ଭ୍ରାଥେ
ପ୍ରସନ୍ନେ ତାଙ୍କୁ ବିଦ୍ୟା ଦିଲେ ଗାଇବର ସୁତ ।"
(ଲାକେଶ୍ୱରଙ୍କ ପଣ୍ଡୁ ଓ ଧୃତରାଷ୍ଟ୍ରଙ୍କୁ ବିଦ୍ୟାଦାନ, ପଦ-୧, ଆଦିପର୍ବ, ପୃ.୯୮)

୩.  "ଯେ ଗୁରୁ ବଂଶ ଯାକେ ବ୍ୟାସଙ୍କୁ ଥାନ୍ତି ଖଟି
ବ୍ୟାସେ ଶିଖାଇଲେ ଅଶ୍ରୁତି ଅଦୃଷ୍ଟି ।"
(ଲାକେଶ୍ୱରଙ୍କ ପଣ୍ଡୁ ଓ ଧୃତରାଷ୍ଟ୍ରଙ୍କୁ ବିଦ୍ୟାଦାନ, ପଦ-୧୩, ଆଦିପର୍ବ, ପୃ.୯୯)

୪.  "ପଣ୍ଡୁ କୁମାରଙ୍କୁ ଦେଖି ସେ ହରଷ ହୋଇଲେ
ସକଳ ବିଦ୍ୟମାନ ପରୀକ୍ଷା କରାଇଲେ ।"
(ଲାକେଶ୍ୱରଙ୍କ ପଣ୍ଡୁ ଓ ଧୃତରାଷ୍ଟ୍ରଙ୍କୁ ବିଦ୍ୟାଦାନ, ପଦ-୨୨, ଆଦିପର୍ବ, ପୃ.୧୦୦)

୫.  "ସାର୍ଥୁକ ଶହସ୍ର ମନ୍ତ୍ର ଶିଖାଇଲେ ଆଦିଗୁରୁ
ଶବଦକୁ ଭେଦିବ ଯେ ଶହସ୍ର ପ୍ରହାର କରୁ ।"
(ଲାକେଶ୍ୱରଙ୍କ ପଣ୍ଡୁ ଓ ଧୃତରାଷ୍ଟ୍ରଙ୍କୁ ବିଦ୍ୟାଦାନ, ପଦ-୨୨, ଆଦିପର୍ବ, ପୃ.୧୦୦)

୬.  "ଶବଦଭେଦୀ ବିଦ୍ୟା ଶିଖାଇଲେ ତାହାଙ୍କୁ
ପ୍ରସନ୍ନେତା ଅନେକ ବିଦ୍ୟା ଦିଲେକ ସେ ପଣ୍ଡୁଙ୍କୁ ।"
(ଲାକେଶ୍ୱରଙ୍କ ପଣ୍ଡୁ ଓ ଧୃତରାଷ୍ଟ୍ରଙ୍କୁ ବିଦ୍ୟାଦାନ, ପଦ-୨୫, ଆଦିପର୍ବ, ପୃ.୧୦୧)

ଏହି ପଦଗୁଡ଼ିକରେ ବ୍ୟବହୃତ ହୋଇ ପ୍ରେରଣାର୍ଥକ କ୍ରିୟାପଦଗୁଡ଼ିକ ହେଲା – (୧) କରାଇଲେ ପଠନ, (୨) ବିଦ୍ୟାଦେଲ, (୩) ଶିଖାଇଲେ, (୪) ପରୀକ୍ଷା କରାଇଲେ, (୫) ଶିଖାଇଲେ, (୬) କରାଇଲେ, (୭) ବୋଲାଇଲା, ଛଡ଼ାଇଦେଲା, (୮) ବିଦ୍ୟା ଶିଖାଇଲେ, ବିଦ୍ୟା ଦିଲେ, (୯) ଶିଖାବନ୍ତି ।

**ନାମ ଧାତୁ କ୍ରିୟା :**

ଯେଉଁ କ୍ରିୟାପଦ ବିଶେଷ୍ୟ ବା ବିଶେଷଣ ଶବ୍ଦରୁ ଗଠିତ ହୋଇଥାଏ ତାହାକୁ ନାମ ଧାତୁ କ୍ରିୟା କୁହାଯାଏ । 'ନାମ'କୁ ମୂଳକରି ଗଠିତ ନାମଧାତୁ କ୍ରିୟାପଦ ବିଶେଷ୍ୟ ଓ ବିଶେଷଣ ଶବ୍ଦକୁ ମୂଳ ରୂପେ ଆଧାର କରି ଗଢ଼ାଯାଏ ।

୧. "ସେ ନଦୀର ତୀରେ ପର୍ଶୁରାମ ଘାଟଇଂ
କନକାବତୀ ନାମେ ଘଟଣା ପ୍ରକାଶଇଂ ।"
(ସାରଳା ଦେବୀଙ୍କ ବନ୍ଦନା, ପଦ-୮, ଆଦିପର୍ବ, ପୃ.୫)

୨. "ଆମଇଂ କୋପେଣ ଯେ ପ୍ରଶୁଧର ନାଥ
ପଛେଣ ଗୋଡ଼ାବନ୍ତି ନୀଳ ରଞ୍ଜୁ ହଳୀରା ତିନିଭ୍ରାଥ ।"
(ଅମ୍ବାଚରିତ,ପଦ-୨୪, ଆଦିପର୍ବ, ପୃ.୬୪)

୩. "ମାନିନୀ ଅବସ୍ଥା ଯେ ହୋଇଣ ଅମ୍ବା ଯୁବତୀ
ସେହି ଗୋଡ଼ାଇଅଛି ତାହାଙ୍କର ପଛକତି ।"
(ଅମ୍ବାଚରିତ, ପଦ-୨୫, ଆଦିପର୍ବ, ପୃ.୬୪)

**ନାମ- ସାରଳା ମହାଭାରତର ଆଦିପର୍ବରେ ବ୍ୟବହୃତ ନାମଧାତୁ କ୍ରିୟାପଦ**

| | |
|---|---|
| ପ୍ରକାଶ | ପ୍ରକାଶଇ |
| ବିଚ୍ଚର | ବିଚ୍ଚରିଲେ |
| ଜନ୍ମ | ଜନ୍ମିଲା |
| ଉପେକ୍ଷା | ଉପେଖିଲୁ |
| କଟାଳ | କଟଳି |
| ଭଙ୍ଗ | ଭାଙ୍ଗିଲେ |
| ଗୋଡ଼ | ଗୋଡ଼ାଇ, ଗୋଡ଼ାବନ୍ତି |
| ଗୋଡ଼ା | ଗୋଡ଼ାଇ |
| ମନ | ମନାଇଁ |
| ଯୋଗା | ଯୋଗାଇ |
| ଚିର୍ | ଚିରି |
| ଆମୋଦ | ଆମୋଦଇ |
| ପ୍ରତିଜ୍ଞା | ପ୍ରତିଜ୍ଞାଇ |

**ନାସ୍ତିବାଚକ କ୍ରିୟା :**

ନାସ୍ତିବାଚକ କ୍ରିୟାଗୁଡ଼ିକ କ୍ରିୟା ସହିତ ନ, ନା, ନି ଓ ନାହିଁ ପରି ନାସ୍ତିବାଚକ ଚିହ୍ନଗୁଡ଼ିକ ଯୋଡ଼ା ହୋଇ ଗଠିତ ହୋଇଥାନ୍ତି । ଧାତୁରୁ ଗଢ଼ା ହୋଇଥିବା କ୍ରିୟାଗୁଡ଼ିକର ଆରମ୍ଭ କିମ୍ବା ଶେଷରେ 'ନ' ଲାଗିଲେ ଏହା ନାସ୍ତିବାଚକ କ୍ରିୟାର ବ୍ୟବହାରରେ ଦେଖିବାକୁ ମିଳିଥାଏ ଯେ, କ୍ରିୟା ପୂର୍ବରୁ 'ନ'ର ବ୍ୟବହାର ହୋଇଛି । ଯେଉଁ ପଦଗୁଡ଼ିକର ନାସ୍ତିବାଚକ କ୍ରିୟାର ବ୍ୟବହାର ତାହା ତଳେ ଦିଆଗଲା ।

ସାରଳା ମହାଭାରତର ଆଦିପର୍ବରେ ନାସ୍ତିବାଚକ କ୍ରିୟାଗୁଡ଼ିକର ପ୍ରୟୋଗ ହୋଇଥିବାର ଦେଖାଯାଏ । ତଳେ ସେଗୁଡ଼ିକର ଉଦାହରଣ ରୂପେ ଦିଆଗଲା । ଯଥା –

୧. "ସ୍ୱାମୀ ସଂଗ୍ରାମେ ବଧ ଯହୁଁ ନୋହିଲା ତ୍ରିପୁରା
ତୋହାର ବୁଦ୍ଧିବଳେ ନାଶଗଲାଟି ମହାବୀର ।"
(ଗଣେଶ ବନ୍ଦନା, ପଦ-୭, ପୃ.୭)

୨. "କୁବେର ଦେବତା ଯେ ସଭାରେ ନରହିଲେ
ଉଠିଣ ଆପଣା ଭୁବନେ ଚଳିଗଲେ ।"
(ଶମ୍ବୁରାଣ ଉପାଖ୍ୟାନ, ପଦ-୨୮, ପୃ.୧୪)

୩. "ଯେତେ କହି ଗଙ୍ଗା ଉଠିଣ ଗଲେ ପିତାର କୋଳରୁ
ନିର୍ଘାତ ବୋଇଲା ମାଗୋ କିପାଇଁ ନାସ୍ତିକରୁ ।"
(ଶାନ୍ତନୁ ବିବାହ, ପଦ-୪୨, ପୃ.୭୧)

୪. "ଈଶ୍ୱର ବରିବି ବୋଲି ମୁଁ ମନେ କଳିଇଛା
ଦୁଇ ଯୁଗ ପରିଯନ୍ତେ ଦୁଖପଡ଼ି ନ ପାଇଲି ମନବାଞ୍ଛା ।"
(ପଦ-୪୩, ପୃ.୨୧)

୫. "ଆହୋ ଜାମନ ଦେବତା ମୋତେ ନ ପାରିଲା ସହି
ମେରୁର ତ୍ରୋଟରେ ଛାଡ଼ିଗଲା ମୋତେ ନେଇ ।"
(ଶାନ୍ତନୁ ବିବାହ, ପଦ-୫୨, ପୃ.୨୭)

୬. "ନିର୍ଘାତର ଘରେ ଜାତ ହୋଇ ଲୁଚ୍ଚଇଲି ବର୍ଣ୍ଣଚିହ୍ନ
ଆରତ ହୋଇଲି ମୁଁ ନ ଦେଖି ତ୍ରିଲୋଚନ ।"
(ଶାନ୍ତନୁ ବିବାହ, ପଦ-୫୪, ପୃ.୨୨)

୭. "ଭ୍ରଥାର ଆର୍ଦୋଳ ଯେବେ ଭାରିଯାନ ସହିବ
ପତିପତ୍ନୀର କେମନ୍ତେ ଗୃହବାସ ହୋଇବ ।"
(ଶାନ୍ତନୁ ବିବାହ, ପଦ-୫୭, ପୃ.୨୭)

୮. "ଦୁର୍ଭାସଯେ ବୋଇଲେ ତୁ ତ ତୁନୀ ହୋଇଥିଲୁ
ପାଞ୍ଚବରଷ ଯେ ସେବାକରି କିଛି ହେଁ ନ ମାଗିଲୁ ।"
(କୁନ୍ତି ଚରିତ୍ର, ପଦ-୫୩, ପୃ.୧୨୩)

୯. "ସୁପୁତ୍ର ହୋଇବ ତୋର ତୋର ଅତିଅନ୍ତ ବଳବନ୍ତା
ସଂଗ୍ରାମକୁ କେବେ ହେଁ ନୋହିବି ପଛପଡ଼ା ।"
(କୁନ୍ତି ଚରିତ୍ର, ପଦ-୫୯, ପୃ.୧୨୪)

୧୦. "ଯଦ୍ୟପି ବ୍ରହ୍ମା ଇନ୍ଦ୍ର ସୂର୍ଯ୍ୟ ପବନ ଯେ ବିଷ୍ଣୁ
ମୂର୍ଦ୍ଧନି 'ଟି ପ୍ରାଣ ଯିବ ନ ଅଇଲେ ତା ଘଟୁ ।"
(କୁନ୍ତି ଚରିତ୍ର, ପଦ-୬୩, ପୃ.୧୨୪)

କୁନ୍ତିଙ୍କ ବାଲ୍ୟଚରିତ, ଦୁର୍ବାସାଙ୍କ ସେବା ଓ ତାଙ୍କଠାରୁ ବରପ୍ରାପ୍ତି । ଏହି ୧୨ଟି ପଦରେ 'ର' ପ୍ରୟୋଗ ହୋଇଥିବା ନାସ୍ତିବାଚକ କ୍ରିୟାପଦଗୁଡ଼ିକ ହେଉଛି । (୧) ନୋହିଲା, (୨) ନ ରହିଲେ, ନ ଯାଇ, (୩) ନାସ୍ତିକରୁ, (୪) ନ ପାଇଲି, (୫) ନ ପାରିଲା, (୬) ନ ଦେଖି, (୭) ନ ସହିବ, , (୮) ନ ମାଗିଲୁ, (୯) ନୋ ହିବ, (୧୦) ନ ଅଇଲେ, (୧୧) ନ ବିଋରି, ନ କଲେ, (୧୨) ନ ଯା ।

**କ୍ରିୟା ବିଶେଷଣ :**

ଯେଉଁ ବିଶେଷଣ ପଦ ବାକ୍ୟରେ କ୍ରିୟାକୁ ବିଶେଷିତ କରେ, ତାହାକୁ କ୍ରିୟାବାଚକ ବିଶେଷଣ କୁହାଯାଏ । କ୍ରିୟା ମୂଳରୂପରୁ ଜାତ ବା ଗଠିତ ଯେଉଁ ବିଶେଷଣ ପଦ ବାକ୍ୟରେ ବିଶେଷ୍ୟ ପଦରୁ ବିଶେଷିତ କରେ ତାହାକୁ କ୍ରିୟାବାଚକ ବିଶେଷଣ କୁହାଯାଏ । କ୍ରିୟାରୁ ମୂଳ ପ୍ରକୃତି ଧାତୁରୁ ଗଠିତ । ଧାତୁ ବା କ୍ରିୟାର ମୂଳରୂପ ସହିତ 'ଅନ୍ତା', 'ଇଲା', 'ଆ' ପ୍ରତ୍ୟୟ ଯୋଗରେ କ୍ରିୟାବାଚକ ବିଶେଷଣ ଗଠିତ ହୋଇଥାଏ । ସାରଳା ମହାଭାରତର ଆଦିପର୍ବର ଯେଉଁ ପଦଗୁଡ଼ିକରେ କ୍ରିୟା ବିଶେଷଣ ଓ କ୍ରିୟାବାଚକ ବିଶେଷଣର ବ୍ୟବହୃତ ହୋଇଛି ତାହା ନିମ୍ନରେ ଦିଆଗଲା ।

ସାରଳା ମହାଭାରତର ଆଦିପର୍ବରେ ପ୍ରୟୋଗ ହୋଇଥିବା କ୍ରିୟାବାଚକ ବିଶେଷଣର ଉଦାହରଣଗୁଡ଼ିକ ନିମ୍ନରେ ଦିଆଗଲା । ଯଥା–

୧. "ଯେବଣ ବେଳେ ଶାହାସ୍ରକୁ ଅନୁକୂଳ କଲେ ବେଦବ୍ୟାସ
ବିଧି ଗାଢ଼େ ଆଜ୍ଞା ତୋତେ ଦେଲେ ନିରାଳସେ ।"
(ଗଣେଶଙ୍କ ବନ୍ଦନା, ପଦ-୧୦, ପୃ.୨)

୨. "ଜୟ ତୁ ଜୟ ତୁ ଦେବ ସୁରଗଣ ରଖନ୍ତା
ଜୟ ତୁ ଜୟତୁ ଦେବ ପରମ ପତି ଦ୍ୟନ୍ତା ।"
(ଗଣେଶଙ୍କ ବନ୍ଦନା, ପଦ-୬, ପୃ.୧)

୩. "ତାଡ଼ ତୋଡ଼ର ସିମନ୍ତୁନୀ କର୍ଣ୍ଣେ କର୍ଣ୍ଣାଞ୍ଚଳ
ଖେଳନ୍ତା ସିଙ୍ଘ ଜାଣି ଦଶଇ ଗଙ୍ଗାର ବାଳ ।"
(ଭୀଷ୍ମଙ୍କ ପ୍ରତିଜ୍ଞା, ପଦ-୫, ଆଦିପର୍ବ, ପୃ.୧୨)

୪. "ଡ଼ଗର ବାରତା କହିଲେ ବେଗେ ଯାଇଁ
ଭୀଷ୍ମଙ୍କ ଡ଼ରେ ଶାଲୁ ନଇଲା ଗୋସାଇଁ ।"
(ଅମ୍ବା ଉପାଖ୍ୟାନ, ପଦ-୨୭, ପୃ.୬୦)

୫. "ଆଜ୍ଞା ପ୍ରମାଣେ ଗଲାକ ଦୂତପତି
ଭୀଷ୍ମଙ୍କ ଛାମୁରେ ଯାଇ ପ୍ରବେଶ ତଡ଼ତି ।"

ଏହି ପାଞ୍ଚଟି ପଦରେ ବ୍ୟବହୃତ ହୋଇଥିବା କ୍ରିୟାବାଚକ ବିଶେଷଣଗୁଡ଼ିକ ହେଉଛି : – (୧) ଅନୁକୂଳ କଲେ, (୨) ରଖନ୍ତା, ଦ୍ୟନ୍ତା, (୩) ଖେଳନ୍ତା, (୪) ବେଗେ ଯାଇଁ, (୫) ଯାଇଁ ପ୍ରବେଶ ତଡ଼ିତ ।

**ଅମିଶ୍ର ଓ ମିଶ୍ର କ୍ରିୟାପଦ :**

**ଅମିଶ୍ର କ୍ରିୟାପଦ :**

ଯେଉଁ କ୍ରିୟା ଗୋଟିଏ ପଦରେ ପ୍ରକାଶିତ ହୁଏ ତାହାକୁ ଅମିଶ୍ର କ୍ରିୟା କୁହାଯାଏ । ଅର୍ଥାତ୍ ଗୋଟିଏ ପଦରେ କୁହାଯାଉଥିବା କ୍ରିୟାକୁ 'ଅମିଶ୍ର କ୍ରିୟା' କୁହାଯାଏ । ଏ ପ୍ରକାର କ୍ରିୟା ଦୁଇଟି ପଦ ହୋଇପାରେ ନାହିଁ ।

ସାରଳା ମହାଭାରତର ଆଦିପର୍ବରେ ବ୍ୟବହୃତ କେତେଗୁଡ଼ିଏ ଅମିଶ୍ର କ୍ରିୟାର ଉଦାହରଣ ନିମ୍ନରେ ଦିଆଗଲା । ଯଥା –

୧. "ସେହୁ ସିଦ୍ଧ ଦେବତାୟ ବିଜୟଯେ ସେହୁ ଥାନେ
ତ୍ରିବେଣୀ ସ୍ନାହନ କରି ସେ ମାଧବ ଦରଶନେ ।"
(ଗଣେଶଙ୍କ ବନ୍ଦନା, ପଦ-୧୪, ପୃ.୨)

୨. "ପୁରୁର ବାୟେ ବାଣ୍ଟିଲେ ସଚରାଚର ପୃଥୀ
ନବଦ୍ୱୀପ ସପତ ସାଗର ବସାଇଲେ ବସୁମତୀ ।"
(ବଂଶାନୁଚରିତ୍ର, ପଦ-୧୯, ପୃ.୮)

୩. "ଆହୋ ତ୍ରିଦଶ ଦେବତାୟେ ଯେ ମନ୍ଥିଲେ ସମୁହର
ତହୁଁ ଉତପତ୍ତି ହୋଇଲେ ଶଶଧର ।"
(ବଂଶାନୁଚରିତ୍ର, ପଦ-୧୪, ପୃ.୮)

୪. "ସମୋଦ୍ର ଭିତରେ ନେଇଁ ଶୁଭ ଖମ୍ଭେକ ପୋତିଲା
ସେହୁଠାରୁଁ ସମୋଦ୍ର ସୀମା ଲଙ୍ଘି ନୁଆରିଲା ।"
(ଯଯାତି ଉପାଖ୍ୟାନ, ପଦ-୨୬, ପୃ.୧୧)

୫.  "ଭୁମନ୍ୟୁର ନନ୍ଦନ ଉପୁଜିଲେ ବିରଥ
ଯେ ସେ ଭିଆଇଲେ ଯୋଦ୍ଧା ପାତ୍ର ଅମାତ୍ୟ ।"
(ଯଯାତି ଉପାଖ୍ୟାନ, ପଦ-୩୩, ପୃ.୧୧)

ଏହି ପାଞ୍ଚଟି ପଦରେ ବ୍ୟବହୃତ ହୋଇଥିବା ଅମିଶ୍ର କ୍ରିୟାଗୁଡ଼ିକ ହେଉଛି । ଯଥା – (୧) ଦରଶନେ, (୨) ବାଣ୍ଟିଲେ, (୩) ମଚ୍ଛିଲେ, (୪) ପୋତିଲା, ନୁଆରିଲା, (୫) ଉପୁଜିଲେ, ଭିଆଇଲେ ।

**ମିଶ୍ର କ୍ରିୟା :**

ଯେଉଁ କ୍ରିୟା ଏକାଧିକ ପଦରେ ପ୍ରକାଶିତ ହୋଇଥାଏ ତାହାକୁ ମିଶ୍ର କ୍ରିୟା କୁହାଯାଏ । ଦୁଇଟି ପଦରେ ପ୍ରକାଶ କରାଯାଉଥିବା ମିଶ୍ର କ୍ରିୟା ବୋଲାଯାଏ । ଏ ପ୍ରକାର କ୍ରିୟା ମିଶ୍ର କ୍ରିୟା ରୂପେ ବ୍ୟବହୃତ ହୋଇପାରେ ନାହିଁ ।

ସାରଳା ମହାଭାରତର ଆଦିପର୍ବରେ ବ୍ୟବହୃତ କେତେକ ମିଶ୍ର କ୍ରିୟାର ଉଦାହରଣ ନିମ୍ନରେ ଦିଆଗଲା –

୧.  "ସ୍ୱାମୀ ଯେବଣ ସାହସ୍ର ଲେଖକ କଲୁ ଯେବଣ ଯୋଗେ
ସେ ଅମୃତ ଦୃଷ୍ଟିରେ ପ୍ରସନ୍ନ ହୋଅ ବେଗେ ।"
(ଗଣେଶ ବନ୍ଦନା, ପଦ-୧୭, ପୃ.୨)

୨.  "ଯେ ଦୁଷ୍ୟନ୍ତର ମହିମାନ ପାଇଁ କହଣ
ସମୋଦ୍ର ଛଡ଼ାଇ ନେଲା ସେ ଅଶୀସହସ୍ର ଯୁଗ ।"
(ଯଯାତି ଉପାଖ୍ୟାନ, ପଦ-୨୫, ପୃ.୧୧)

୩.  "ଦୁଷ୍ୟନ୍ତର ନନ୍ଦନ ଯେ ଅଟଇ ବୀର ଭ୍ରଥ
ସମୋଦ୍ର ଘୁଞ୍ଚାଇଁ ଦିଲା ଯୋଜନ ସାତଶତ ।"
(ଯଯାତି ଉପାଖ୍ୟାନ, ପଦ-୨୮, ପୃ.୧୧)

୪.  "ତହୁଁ ମାଳା ଘେନି ଚଳିଲା ସୂର୍ଯ୍ୟର ନନ୍ଦନୀ
ସନ୍ନିମ୍ବେଣ ଦେଖିଲା ସେ ଦେବ ପଦ୍ମ ଯୋନି ।"
(ଶମ୍ବୁରାଣ ଉପାଖ୍ୟାନ, ପଦ-୨୯, ପୃ.୧୪)

୫.  "ଅଶ୍ୱ ଉପରେଂ ବିଜେ କରିଛନ୍ତି ଶମ୍ବୁରାଣ
ମାଳା ଘେନିଣ ତପତୀ ମିଳିଲା ସନ୍ନିମ୍ବେଣ ।"
(ଶମ୍ବୁରାଣ ଉପାଖ୍ୟାନ, ପଦ-୪୩, ପୃ.୧୫)

ଏହି ପାଞ୍ଚଟି ପଦରେ ବ୍ୟବହୃତ ହେଇଥିବା ମିଶ୍ରକ୍ରିୟାଗୁଡ଼ିକ ହେଉଛି – (୧) ଲେଖନ କଲୁ, (୨) ଛଡ଼ାଇ ନେଲା, (୩) ଘୁଞ୍ଚାଇ ଦିଲା, (୪) ଘେନି ଚଳିଲା, (୫) ବିଜେ କରିଛନ୍ତି ।

**ସକର୍ମକ କ୍ରିୟା, ଅକର୍ମକ କ୍ରିୟା ଓ ଦ୍ୱିକର୍ମକ କ୍ରିୟା :**

**ସକର୍ମକ କ୍ରିୟା :**

ଓଡ଼ିଆ ବାକ୍ୟ କର୍ତ୍ତା, କର୍ମ ଓ କ୍ରିୟା ଏହି ବିଧାନରେ ବ୍ୟବହାର କରାଯାଏ । ଯିଏ କ୍ରିୟା ସାଧନ କରେ ସେ କର୍ତ୍ତା । କ୍ରିୟା ସାଧନରେ କର୍ତ୍ତାର ଯାହା ଅଭିଳଷିତ ଓ କରଣୀୟ ତାହାକୁ ବ୍ୟାକରଣ ମତରେ କର୍ମ କୁହାଯାଏ । ଗୋଟିଏ ପୂର୍ଣ୍ଣାଙ୍ଗ ବାକ୍ୟରେ କର୍ମ ସ୍ପଷ୍ଟ ଭାବରେ କ୍ରିୟାପଦ ସହିତ ସମ୍ବନ୍ଧିତ ହୋଇରହିଥାଏ । ବାକ୍ୟରେ ଯେଉଁ କ୍ରିୟାପଦର କର୍ମଥାଏ, ତାହାକୁ 'ସକର୍ମକ କ୍ରିୟା' କୁହାଯାଏ । ସାରଳା ମହାଭାରତର ଆଦିପର୍ବରେ ଯେଉଁ ପଦଗୁଡ଼ିକରେ ସକର୍ମକ କ୍ରିୟାର ବ୍ୟବହାର ଦେଖାଦେଇଛି ସେହି ପଦଗୁଡ଼ିକ ନିମ୍ନରେ ଦିଆଗଲା ।

୧.  "ଯାହାକୁ ଭାବଇ ମାଗୋ ତୋହୋର ମନଇଚ୍ଛା
ମାଳା ଦେଇଂ ବର ଗୋ ଯେ ତୋହର ମନବାଞ୍ଛା ।"
(ଶାନ୍ତନୁ ବିବାହ, ପଦ-୪, ପୃ.୧୮)

୨.  "ଭ୍ରଥାର ଆର୍ଦ୍ଧୋଳି ଯେବେ ଭାରିଯା ନ ସହିବ
ପତି ପତ୍ନୀର କେମନ୍ତେ ଗୃହବାସ ହୋଇବ ।"
(ଶାନ୍ତନୁ ବିବାହ, ପଦ-୫୭, ପୃ.୨୨)

୩.  "ହୋମଘୃତ ପାରଣା କରନ୍ତି ବର କନ୍ୟା
ଯେ ସନେକ ପ୍ରଦାନ ସେ ବିଭାର ବିଧାନ ।"
(ଶାନ୍ତନୁ ବିବାହ, ପଦ-୬୫, ପୃ.୨୩)

୪.  "ନାରାୟଣ ଆତ୍ମା ଯେ ଅଟଇ ମହାବ୍ରହ୍ମ
ସଂସାର ଅଗାଦକୁ ନାଉକା ଅଟଇ ଧର୍ମ ।"
(ଶାନ୍ତନୁ ବିବାହ, ପଦ-୭୮, ପୃ.୨୪)

୫.  "ଯେ ମନ୍ତେ ଅନେକ ମତେ କରାଇଲା ବିମୁଖ
ଗୃହବାସ ନିମନ୍ତେ ରକ୍ଷି ସହିଲେ ଅନେକ ଦୁଃଖ ।"
(ଶାନ୍ତନୁ ବିବାହ, ପଦ-୧୦୦, ପୃ.୨୭)

ଏହି ପାଞ୍ଚଟି ପଦରେ ବ୍ୟବହୃତ ହେଇଥିବ ସକର୍ମକ କ୍ରିୟାଗୁଡ଼ିକ ହେଉଛି । ଯଥା – (୧) ମାଳା ଦେଇ, (୨) ଗୃହବାସ ହୋଇବ, (୩) ପାରଣା କରନ୍ତି. (୪) ନାଉକା ଅଟଇ, (୫) ରକ୍ଷି ସହିଲେ, (୬) ରନ୍ଧନ କରାବନ୍ତି ।

**ଅକର୍ମକ କ୍ରିୟା :**

ଯେଉଁ କ୍ରିୟାର କୌଣସି କର୍ମ ନଥାଏ, ତାହାକୁ ଅକର୍ମକ କ୍ରିୟା କୁହାଯାଏ । ବାକ୍ୟରେ କର୍ମକ ଥାଇ କର୍ତ୍ତା ଦ୍ୱାରା ପ୍ରତ୍ୟକ୍ଷ କ୍ରିୟା ସାଧନ ହୋଇଥିବାର ବୁଝାଗଲେ ସେହି ବାକ୍ୟର କ୍ରିୟା

'ଅକର୍ମକ' ହୋଇଥାଏ । ସାରଳା ମହାଭାରତର ଆଦିପର୍ବର ଯେଉଁ ପଦଗୁଡ଼ିକରେ ଅକର୍ମକ କ୍ରିୟାର ବ୍ୟବହାର ଦେଖା ଦେଇଛି ସେହି ପଦଗୁଡ଼ିକ ନିମ୍ନରେ ଦିଆଗଲା ।

ସାରଳା ମହାଭାରତର ଆଦିପର୍ବରେ ବ୍ୟବହୃତ ହୋଇଥିବା କେତେଗୁଡ଼ିଏ ଅକର୍ମକ କ୍ରିୟାର ଉଦାହରଣ ତଳେ ଦିଆଗଲା । ଯଥା –

୧. "ଅନେକ ମନ୍ଦ ବୋଲଇ ବହୁତ ଦିଅଇ ଗାଳି
ଶାୟେତନୁ ବୋଇଲେ ଗଙ୍ଗାତୁ ଯେଡେ ବଡ଼ ଜଞ୍ଜାଳ ।"
(ଶାନ୍ତନୁ ବିବାହ, ପଦ-୧୪୯, ପୃ.୩୧)

୨. "ଯେ ସନେକ ଅନେକ କାଳ ସହିଲେ ଶାୟେଂତନୁ ମହାରଷି
ସମୟେକେ ଗଙ୍ଗା ଯେ ହୋଇଲେ ଗର୍ଭବାସୀ ।"
(ଶାନ୍ତନୁ ବିବାହ, ପଦ-୧୫୮, ପୃ.୩୨)

୩. "ରାତ୍ର ହୋଇଅଛି ଯେ ପଞ୍ଚଦଶ ଘଡ଼ି
ଗଙ୍ଗାର ଗର୍ଭୁ ହାଦେ ପୁତ୍ରେକ ଅପତାରି ।"
(ଶାନ୍ତନୁ ବିବାହ, ପଦ-୧୬୨, ପୃ.୩୨)

୪. "ଦଶମାସ ଗର୍ଭରେ ଧଇଲାକ ମାଘ
ସେ ଏବେ ମୂର୍ଚ୍ଛି ପାରଇ ତା ଗର୍ଭର ବ୍ୟଥା ।"
(ଶାନ୍ତନୁ ବିବାହ, ପଦ-୧୬୮, ପୃ.୧୩୨)

୫. "ଆମ୍ଭର କୋପ କଲେ ସେ କାହାର ହୋଇଯିବ
ଘର ଖଣ୍ଡି ଯେ କରିଅଛୁଂ ସେ ଯେହିକ୍ଷଣି ଭଞ୍ଜିବ ।"
(ଶାନ୍ତନୁ ବିବାହ, ପଦ-୧୭୦, ପୃ.୧୩୨)

ଉପରୋକ୍ତ ପାଞ୍ଚଟି ପଦ ମ୍ନରେ ବ୍ୟବହୃତ ହୋଇଥିବା ଅକର୍ମକ କ୍ରିୟାଗୁଡ଼ିକ ହେଉଛି – (୧) ଦିଅଇ, (୨) ସହିଲେ, (୩) ହୋଇଅଛି, (୪) ଧଇଲାକ, (୫) ହୋଇଯିବ, କରିଅଛୁଁ।

**ଦ୍ୱିକର୍ମକ କ୍ରିୟା :**

ଯେଉଁ କ୍ରିୟା ଦୁଇଟି କର୍ମ ଗ୍ରହଣ କରିଥାଏ ତାହାକୁ ଦ୍ୱିକର୍ମପଦ କ୍ରିୟା କୁହାଯାଏ ।

ସାରଳା ମହାଭାରତରେ ଆଦିପର୍ବରେ ବ୍ୟବହୃତ କେତେ ଦ୍ୱିକର୍ମକ କ୍ରିୟାର ଉଦାହରଣ ତଳେ ଦିଆଗଲା ।

୧. "ପାରେଶ୍ୱର ସତ୍ୟବତୀ ଗଲେ ସିନ୍ଧୁ ସ୍ନାହାନକୁ
ସଂଗେ ଘେନିଗଲେ ଚିତ୍ର ବିଚିତ୍ର ବୀର୍ଯ୍ୟକୁ ।"
(ଶାନ୍ତନୁ ବିବାହ, ପଦ-୧୯୨, ପୃ.୩୪)

୨. "ମଳୟ ନୀଳବଂଶେ ହୋଇଲେ ଉତପତ୍ତି
ଯେହି ରୂପେ ବଂଶ ତା'ର ବିଡ଼ାଲ ବିଖ୍ୟାତ ।"
(ଚିତ୍ରବୀର୍ଯ୍ୟ ଓ ବିଚିତ୍ରବୀର୍ଯ୍ୟଙ୍କର ବିବାହ, ପଦ-୧୨, ପୃ.୪୨)

୩. "ଅମ୍ବିକା ଅମ୍ବାଳିକା କନ୍ୟା ଚିତ୍ର ବିଚିତ୍ରବୀର୍ଯ୍ୟକୁ ଦେଲେ
ଆରେକ କନ୍ୟା ଯେବେ ଅଛି ମୋତେ କିମ୍ପାଇଁ ନ ବରିଲେ ।"
(ଭୀଷ୍ମଙ୍କ ବିବାହ ପ୍ରସ୍ତାବ, ପଦ-୨୬, ପୃ.୪୬)

ଏହି ପାଞ୍ଚଟି ପଦରେ ବ୍ୟବହୃତ ହୋଇଥିବା ଦ୍ୱିକର୍ମକ କ୍ରିୟାଗୁଡ଼ିକ ହେଉଛି –

(୧) ପାରେଶ୍ୱର ସତ୍ୟବତୀ ଗଲେ ସିନ୍ଧୁ ସ୍ନାହାନ
(୨) ମଳୟ ନୀଳ ବଂଶେ ହୋଇଲେ
(୩) ଅମ୍ବିକା ଅମ୍ବାଳିକା କନ୍ୟା ଚିତ୍ର ବିଚିତ୍ରବୀର୍ଯ୍ୟକୁ ଦେଲେ ।

ସାରଳା ମହାଭାରତର ଆଦିପର୍ବରେ ଅନେକ ପ୍ରକାର କ୍ରିୟାପଦ ବ୍ୟବହୃତ ହୋଇଥିବାର ଦେଖାଯାଏ । ତନ୍ମରୁ ସମାପିକା କ୍ରିୟା, ଅସମାପିକା କ୍ରିୟା, ଯୌଗିକ କ୍ରିୟା, ନାସ୍ତିକରଣ କ୍ରିୟା, ନାମଧାତୁ କ୍ରିୟା, ପ୍ରେରଣାର୍ଥକ କ୍ରିୟା, ସକର୍ମକ କ୍ରିୟା, ଅକର୍ମକ କ୍ରିୟା ଓ କ୍ରିୟା ବିଶେଷଣ, କ୍ରିୟାବାଚକ ବିଶେଷଣ କିଭଳି ଆଦପର୍ବର ପଦଗୁଡ଼ିକରେ ବ୍ୟବହୃତ ହେଉଛି ତାହା ଦର୍ଶାଇଛି ।

ଆଦିପର୍ବର ପଦଗୁଡ଼ିକରେ ସମାପିକା କ୍ରିୟା ବ୍ୟବହାର ଦେଖାଯାଇଛି । ପଦର ଆରମ୍ଭରେ, ମଧ୍ୟରେ ଓ ପଦର ଅନ୍ତ ମଧ୍ୟ ସମାପିକା ବ୍ୟବହୃତ ହୋଇଛି । ଆଦିପର୍ବ ବ୍ୟବହୃତ ସମାପିକା ଉଦାହରଣ ରୂପେ ଦିଆଗଲା । ପଢ଼ନ୍ତି, ସମର୍ପିଲେ, ଦିଅଇ, ପାଳିଲା, ବସିବା, ଧଇଲେ, ମାଗୁଥିଲା, ବସିଲା, ପୂଜିଲା, ଝାସ ଦେଲେ, ହାଣି ପକାଇଲା, ଅସମାପିକା କ୍ରିୟା ପରେ କେତେକ ସମାପିକା କ୍ରିୟା ଦେଖାଯାଇଛି । ସେଗୁଡ଼ିକ ଉଦାହରର ରୂପେ ଦିଆଗଲା- ବରି ଆଣିଲେ, କରି ଆଣିଲେ, ବାଣ୍ଟି ନେଲେ ଓ କାନ୍ଦି ଶୋଇଥାଇ ।

ଆଦିପର୍ବରେ ଦେଖା ଯାଇଥିବା ବିଭିନ୍ନ ରୂପ ଅସମାପିକା ଉଦାହରଣ ରୂପେ ଦିଆଯାଇଛି । ଅସମାପିକା କ୍ରିୟା 'ପାଉ' ଧାତୁ ସହି ନପାରନ୍ତି, ଲଙ୍ଘି ନପାରି । ଅସମାପିକା କ୍ରିୟା 'ପା' ଧାତୁ କଢ଼ି ପକାଇଲା, ହାଣି ପକାଇଲା, ପେଲି ପକାଇଲା । ଅସମାପିକା କ୍ରିୟା 'ପଡ୍' ଧାତୁ – ଧାଇଂ ପଡ଼ିଲେ, ଡେଇଂପଡ଼ି, ଢଳି ପଡ଼ିଲା । ଅସମାପିକା କ୍ରିୟା 'ଦେ' ଧାତୁ – ଛାଡ଼ି ଦେଲା, କହିଦେବା, ବୁଡ଼ାଇଣ ଦେଲା । ଅସମାପିକା କ୍ରିୟା 'ଆଣ' ଧାତୁ ଲିପିଆଣଇ । ଅସମାପିକା କ୍ରିୟା 'ନେ' ଧାତୁ ବାହିନେଲି । ଧାତୁରେ 'ଇ', 'ଇଣ' ଯୋଗରେ ଅସମାପିକା କ୍ରିୟା – ପାଳି, ତେଜିଣ, ଭରି, ଦେଖିଣ, ନେଇ, ଯାଇ, ହୋଇଣ, ଶୁଣି, ଦେଖି । 'ଇ' ଓ 'ଇଂ'

ପରେ 'କରି' ଧାତୁ ଯୋଗରେ ଅସମାପିକା କ୍ରିୟା – ଦେଖିକରି, ସ୍ତୁତିକରି, ପାରିକରି, ବୋଲିକରି, ଘେନିକରି, ହୋଇକରି । ଗୋଟିଏ ଅସମାପିକା କ୍ରିୟା ପଦରେ ଥାଇ ପୁନଃ ସେହି ଅସମାପିକା କ୍ରିୟା ବ୍ୟବହାରକୁ ପୌନଃପୁନିକ ବା ଜିପ୍‌ସା – ବାହିବାହି, ଦେଖୁଂ ଦେଖୁଂ । ଯୌଗିକ ଅସମାପିକା କ୍ରିୟା – ପେଲି ପକାଇ, ଦେଖିକରି, ଭିଆଣ କରି ।

ସାରଳା ମହାଭାରତର ଆଦିପର୍ବରେ ଯୌଗିକ କ୍ରିୟାର ସହାୟକ ଧାତୁ ରୂପେ 'କର' ଓ 'ହୋ' ଧାତୁର ବହୁଳ ବ୍ୟବହୃତ ହୋଇଥିବାର ଦେଖାଯାଏ । 'କର୍' ଧାତୁର ଯୋଗରେ ଯୌଗିକ କ୍ରିୟା- ପୂଜାକଲେ, ନାଗକରି, ବିଜେ କରି, ପାରଣା କରନ୍ତି, ବାଞ୍ଛା କରଇ, ଲେଖନ କର, ଦହନ କରି, ଗମନ କରନ୍ତି, ଭେଟ କରାଇଲେ । 'ହୋ' ଧାତୁର ସହାୟକରେ ଗଠିତ ଯୌଗିକ କ୍ରିୟା- ପ୍ରବେଶ ହୋଇଲେ, ଆସି ହୋଅଇ, ଭେଟ ହୋଇଲେ, ବେଶଜ ହୋଇ, ଦୃଶ୍ୟ ହୋଇଲା, ବିଭା ହୋଇଣ, ବରଣ ହୋଇଲା, ପ୍ରଳମ୍ବିତ ହୋଇଲେ, ପଠନ ହୋଇଲା, ଦେଖି ହୋଇଲେ, ଉତ୍ପତ୍ତି ହୋଇଲେ । ଏହିପରି ଦୁଇଟି ଧାତୁର ମିଶ୍ରଣରେ ଗଠିତ ଯୌଗିକ କ୍ରିୟା- ଖେଳୁଥାଇ, ଦିଶୁଅଛି, ଧରିଅଛି, କରିଦିଲା, ଖଟିଥିବେ, ଛାଡ଼ିଗଲା, କରିଛନ୍ତି, ଧରିଛନ୍ତି । ଆଦିପର୍ବରେ ଏହିଭଳି ଯୌଗିକ କ୍ରିୟାର ବହୁଳ ପ୍ରୟୋଗ ହୋଇଥିବାର ଦେଖାଯାଏ ।

ଆଦିପର୍ବରେ ନାସ୍ତିକରଣ କ୍ରିୟା - ନ ଥାଇଂ, ନ ଯାଇଂ, ନ ସହିବୁ, ନ ଦେବୁ, ନ ଛାଡ଼ିଲ, ନ ପାଇଲି, ନ ମାରିଲୁ, ନୋହିଲା, ନଯାନ୍ତି । ଆଦିପର୍ବରେ ବ୍ୟବହୃତ ନାସ୍ତିକରଣ କ୍ରିୟା ପୂର୍ବରୁ 'ନ' ବ୍ୟବହୃତ ହୋଇଥିବାର ଦେଖାଯାଏ । ଆଦିପର୍ବରେ ପ୍ରେରଣାର୍ଥକ କ୍ରିୟା 'କରାଇଲେ ପଠନ'- ବିଦ୍ୟା ଶିଖାଇଲେ, ପରୀକ୍ଷା କରାଇଲେ, ବସାଇଲେ, ବୋଲାଇଲେ । ଆଦିପର୍ବରେ ନାମଧାତୁ କ୍ରିୟା - ଗୋଡ଼ାଇ, ଗୋଡ଼ାବନ୍ତି, ଜନ୍ମିଲା, ପ୍ରକାଶଇ । ଆଦିପର୍ବରେ ସକର୍ମକ କ୍ରିୟା ଓ ଅକର୍ମକ କ୍ରିୟା ବ୍ୟବହାର ମଧ୍ୟ ଦେଖାଯାଏ । ସକର୍ମମ କ୍ରିୟାରେ କର୍ମ ସହିତ କ୍ରିୟା ଥାଏ ପଦରେ । ଯେପରି- 'ମାଳାଦେଇ' ପାରଣା କରନ୍ତି, ରନ୍ଧନ କରାବନ୍ତି, ଚକ୍ଷୁରେ ଦେଖିଲେ । ଅକର୍ମକ କ୍ରିୟା କ୍ଷେତ୍ରରେ ଯେଉଁ ପଦର କର୍ମ ନଥାଇ କ୍ରିୟା ରହିଥାଏ । ଯେପରି- ସେ ଖେଳଇ, ଗଙ୍ଗା ଉଠିଣ, ପୁରୁଷ ଆସି, ସେ ଦିଶଇ । ଏହିପରି ଭାବେ ଆଦିପର୍ବରେ ସକର୍ମକ ଓ ଅକର୍ମକ କ୍ରିୟା ବ୍ୟବହୃତ ହୋଇଥିବାର ଦେଖାଯାଏ ।

ସାରଳା ମହାଭାରତର ଆଦିପର୍ବରେ କ୍ରିୟା ବିଶେଷଣ ଓ କ୍ରିୟାବାଚକ ବିଶେଷଣ ମୁଁ କିପରି ବ୍ୟବହାର ହୋଇଛି ତାହା ମୁଁ ଦର୍ଶାଇଛି । କ୍ରିୟା ବିଶେଷଣରେ ଦେଖିବାକୁ ପାଇଛି ବିଶେଷଣ ପରେ କ୍ରିୟା ବ୍ୟବହୃତ ହୋଇଛି । ଯଥା- ପ୍ରଳମ୍ବିତେ ଖଟଇଂ, ବେଗେ ଯାଇ, ଯେହ୍ନେ ହୁଅଇ, ଚମତ୍କାର ହୋଇଲି, ଯତନ କରି । କ୍ରିୟାବାଚକ ବିଶେଷଣରେ 'ଅନ୍ତା', 'ନ୍ତେ', 'ଅନ୍ତେ', 'ଲା', 'ଇଲା', 'ଲେ', 'ଇଲେ' ଯୋଗରେ ଆଦିପର୍ବରେ ବ୍ୟବହୃତ ହୋଇଥିବା ଦେଖାଯାଏ । ଯଥା- ଖେଳନ୍ତା, ଶୁଣନ୍ତା, କରନ୍ତା, ଧରନ୍ତେ, ଦେଖନ୍ତେ, ଆସନ୍ତେ, ଚଳିଲେ, ହୋଇଲେ, ଧଇଲେ, ପୋତିଲା, ବରିଲା, ଚଳିଲା ।

ସାରଳା ମହାଭାରତର ଆଦିପର୍ବରେ କ୍ରିୟା କିପରି ପଦରେ ବ୍ୟବହାର ହୋଇଛି ତାହାହିଁ ମୁଁ ଦର୍ଶାଇଛି । ପ୍ରତିକ୍ରିୟାର ବିଭାଗ କରି ସେହି କ୍ରିୟା ଯେଉଁ ପଦରେ ବ୍ୟବହୃତ ସେହି ପଦକୁ ମୁଁ ଦର୍ଶାଇ କ୍ରିୟାପଦର ବ୍ୟବହାରକୁ ପୁଙ୍ଖାନୁପୁଙ୍ଖ ଭାବେ ବିଶ୍ଳେଷଣ କରି ଦର୍ଶାଇବାକୁ ଯଥାସମ୍ଭବ ଚେଷ୍ଟା କରିଛି ।

**ପ୍ରାନ୍ତଟୀକା :**


୧. ତ୍ରିପାଠୀ ସନ୍ତୋଷ : ଓଡ଼ିଆ ବ୍ୟାକରଣ କଳନା, ୨୦୦୮, ପୃ.-୩୨୭

୨. ମହାପାତ୍ର ନାରାୟଣ ଓ ଦାସ ଶ୍ରୀଧର : ସର୍ବସାର ବ୍ୟାକରଣ, ୨୦୧୯, ପୃ.-୬୩

୩. ତତ୍ରୈବ, ପୃ.-୬୩

୪. ତତ୍ରୈବ, ପୃ.-୬୩

୫. ତତ୍ରୈବ, ପୃ.-୬୩

୬. ତତ୍ରୈବ, ପୃ.-୬୪

୭. ମହାନ୍ତି, ଆର୍ତ୍ତବଲ୍ଲଭ (ସଂକଳକ ଓ ସଂପାଦକ) : ସାରଳା ମହାଭାରତ ଆଦିପର୍ବ, ପ୍ରଥମ ଖଣ୍ଡ, (ସବୁପଦ) ।



ଗବେଷକ

ସ୍ନାତକୋତ୍ତର ଓଡ଼ିଆ ବିଭାଗ

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ